# ଜିଜ୍ଞାସା




ପ୍ରକାଶକ : ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା

# ଜିଜ୍ଞାସା

(ଆକାଂକ୍ଷୀ ପାଠ୍ୟକ୍ରମ)

ପ୍ରକାଶକ:
**ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା**

# ଜିଜ୍ଞାସା

**(ଆକାଂକ୍ଷୀ ପାଠ୍ୟକ୍ରମ)**

ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ନବମ ଓ ଦଶମ ଶ୍ରେଣୀ ନିମନ୍ତେ ଅନୁମୋଦିତ ଓ ପ୍ରକାଶିତ

© ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା

**ଲେଖକମଣ୍ଡଳୀ :**


ଶ୍ରୀ ଆଶିଷ କୁମାର ମହାନ୍ତି, ସେକ୍ରେଟାରୀ ଓଡ଼ିଶା ବିଜ୍ଞାନ ଏକାଡେମୀ

ଡ. ସୁବାସ ଚନ୍ଦ୍ର ଦାଶ, ପୂର୍ବତନ ଅଧ୍ୟକ୍ଷ, ଡି.ଆଇ.ଇ.ଟି, ନୟାଗଡ଼

ଡ. ପ୍ରସାଦ କୁମାର ଦାଶ, ଓଡ଼ିଶା ବାୟୋଡାଇଭର୍ସିଟି ବୋର୍ଡ

ଶ୍ରୀ ସତ୍ୟ ରଞ୍ଜନ ବେହେରା, ଓଡ଼ିଶା ବାୟୋଡାଇଭର୍ସିଟି ବୋର୍ଡ

ଶ୍ରୀ ପ୍ରଭାତ ମୋହନ ଦାଶ, ସେଣ୍ଟର ଫର ଏନଭାଇରନ୍‌ମେଣ୍ଟାଲ ଷ୍ଟଡିଜ୍

ଶ୍ରୀମତୀ ଶୁଭଲକ୍ଷ୍ମୀ ନାୟକ, ଶିକ୍ଷୟିତ୍ରୀ, ମଧୁସୁଦନ ସରକାରୀ ଉଚ୍ଚ ବିଦ୍ୟାଳୟ, କଟକ

ଶ୍ରୀମତୀ ମୋନାଲିସା ମହାନ୍ତି, ଶିକ୍ଷୟିତ୍ରୀ, ଲକେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟ, କଟକ

ଶ୍ରୀ ଅମରେନ୍ଦ୍ର ନାୟକ, ଶିକ୍ଷକ, ସରକାରୀ ଉଚ୍ଚ ବିଦ୍ୟାଳୟ, ବାଲିଅନ୍ତା

ଶ୍ରୀମତୀ ଶୁଭପ୍ରିୟା ଦାସ, ଶିକ୍ଷୟିତ୍ରୀ

ଶ୍ରୀମତୀ ସ୍ମିତା ମହାନ୍ତି, ଶିକ୍ଷୟିତ୍ରୀ, କ୍ୟାପିଟାଲ ବାଳିକା ଉଚ୍ଚ ବିଦ୍ୟାଳୟ, ୟୁନିଟ୍ - ୨

ଶ୍ରୀମତୀ ପ୍ରଜ୍ଞାଶ୍ରୀ ଦାସ, ଶିକ୍ଷୟିତ୍ରୀ, ନନ୍ଦନକାନନ ସରକାରୀ ଉଚ୍ଚ ବିଦ୍ୟାଳୟ

ଶ୍ରୀମତୀ ସସ୍ମିତା ସାହୁ, ଶିକ୍ଷୟିତ୍ରୀ, ସରକାରୀ ଉଚ୍ଚ ବିଦ୍ୟାଳୟ, କପିଳପ୍ରସାଦ ଭୁବନେଶ୍ୱର

ଶ୍ରୀ ସଞ୍ଜୟ ନାୟକ, ସହାୟକ ଶିକ୍ଷକ, କୁଶଭଦ୍ରା ସରକାରୀ ଉଚ୍ଚ ବିଦ୍ୟାଳୟ

ଶ୍ରୀ ବିନୋଦ କୁମାର ସାହୁ, ସହାୟକ ଶିକ୍ଷକ, ପି.ଏସ୍ ବାଳିକା ଉଚ୍ଚ ବିଦ୍ୟାଳୟ, ବାଳକାଟି

ଶ୍ରୀ ସନ୍ତୋଷ କୁମାର ଖୁଣ୍ଟିଆ, ସହାୟକ ଶିକ୍ଷକ, ଖାନ ନଗର ଉଚ୍ଚ ବିଦ୍ୟାଳୟ, କଟକ

ୟୁନିସେଫ୍, ଓଡ଼ିଶା


**ସମ୍ପାଦନମଣ୍ଡଳୀ :**


ଶ୍ରୀଯୁକ୍ତ ସମୀର କୁମାର ବେହେରା, ଶିକ୍ଷକ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, କେସିଙ୍ଗା

ଶ୍ରୀଯୁକ୍ତ ସନ୍ତୋଷ କୁମାର କର, ଶିକ୍ଷକ, ଜୟଦୁର୍ଗା ଉଚ୍ଚ ବିଦ୍ୟାଳୟ, ନର୍ଲା ରୋଡ୍


**ସଂଯୋଜନା:**


ଶ୍ରୀମତୀ ସସ୍ମିତା ମାଳି, କାର୍ଯ୍ୟକ୍ରମ ଅଧିକାରୀ, ମୋ ସ୍କୁଲ ଅଭିଯାନ ପରିଚାଳନା ସଂଗଠନ

ଶ୍ରୀ ଅବିନାଶ ଶତପଥି, କାର୍ଯ୍ୟକ୍ରମ ଅଧିକାରୀ, ମୋ ସ୍କୁଲ ଅଭିଯାନ ପରିଚାଳନା ସଂଗଠନ



**ପରୀକ୍ଷାମୂଳକ ସଂସ୍କରଣ** : ୨୦୨୩

**ଆର୍ଟପୁଲ :** ମୋ ସ୍କୁଲ୍ ଅଭିଯାନ ପରିଚାଳନା ସଂଗଠନ, ଭୁବନେଶ୍ୱର

**ମୁଦ୍ରଣ :** ପାଠ୍ୟପୁସ୍ତକ ଉତ୍ପାଦନ ଓ ବିକ୍ରୟ, ଭୁବନେଶ୍ୱର

# ଭୂମିକା

ରାଜ୍ୟ ସରକାର ମାଧ୍ୟମିକ ଶିକ୍ଷା ସ୍ତରରେ ଆକାଂକ୍ଷୀ ପାଠ୍ୟକ୍ରମ ପ୍ରଣୟନ କରିଛନ୍ତି । ଏହି ପାଠ୍ୟକ୍ରମର ଉପାଦାନଗୁଡ଼ିକ ହେଉଛି ପ୍ରକଳ୍ପ କାର୍ଯ୍ୟ, ବହି ସମୀକ୍ଷା, ଆଇଟି (କୋଡିଂ) ଦକ୍ଷତା ଏବଂ ସହ-ପାଠ୍ୟକ୍ରମ କାର୍ଯ୍ୟକଳାପ (କ୍ରୀଡା ଆଧାରିତ ଜୀବନ କୌଶଳ ଶିକ୍ଷା) । ଆକାଂକ୍ଷୀ ପାଠ୍ୟକ୍ରମକୁ ସୁଚାରୁ ଭାବରେ କାର୍ଯ୍ୟକାରୀ କରିବା ଏବଂ ଶିକ୍ଷାର୍ଥୀମାନଙ୍କର ସାମଗ୍ରିକ ବିକାଶ ଲକ୍ଷ୍ୟ ହାସଲ କରିବା ହେଉଛି ଏହାର ଉଦ୍ଦେଶ୍ୟ ।

ଜୀବନ ଧାରଣର ମାନବୃଦ୍ଧି ପାଇଁ ବିଜ୍ଞାନ ଏକାନ୍ତ ଅପରିହାର୍ଯ୍ୟ । ଶିକ୍ଷାର୍ଥୀମାନଙ୍କ ଜ୍ଞାନକୁ ପାଠ୍ୟପୁସ୍ତକ ମଧ୍ୟରେ ସୀମିତ ନ ରଖି ସେମାନଙ୍କୁ ବାହ୍ୟ ଜୀବନ ସହ ସଂଯୁକ୍ତ କରିବା ଏହି ପୁସ୍ତକର ଉଦ୍ଦେଶ୍ୟ । ସେମାନଙ୍କ ମଧ୍ୟରେ ବିଭିନ୍ନ ବିଷୟକୁ ନେଇ କୌତୁହଳ ତଥା ବୈଜ୍ଞାନିକ ଚିନ୍ତାଧାରାର ଉଦ୍ରେକ କରିବାରେ ଏହି ପୁସ୍ତକଟି ସହାୟକ ହେବ ।

ବିଭିନ୍ନ ପ୍ରକାରର କାର୍ଯ୍ୟକଳାପ ମାଧ୍ୟମରେ ବିଦ୍ୟାର୍ଥୀମାନଙ୍କର ବୈଜ୍ଞାନିକ ମନୋବୃତ୍ତି ଓ ସୃଜନଶୀଳତା ବୃଦ୍ଧି କରି ସେମାନଙ୍କୁ ନୂତନ ପ୍ରକଳ୍ପ ପ୍ରସ୍ତୁତିରେ ସାହାଯ୍ୟ କରିବ । ବିଦ୍ୟାର୍ଥୀମାନେ ପ୍ରକଳ୍ପ ପ୍ରସ୍ତୁତି ନିମନ୍ତେ ଉଦ୍ଦିଷ୍ଟ ସୋପାନ ବିଷୟରେ ଅବଗତ ହେବେ ଏବଂ ପ୍ରତ୍ୟେକ ଘଟଣା ସହିତ ଜଡିତ ବିଜ୍ଞାନ ସମ୍ମତ କାରଣଗୁଡ଼ିକୁ ତାର୍କିକ ଚିନ୍ତନ ମାଧ୍ୟମରେ ଅନୁସନ୍ଧାନ କରିବାରେ ସଫଳ ହେବେ । ଏହି ପୁସ୍ତକ ବିଦ୍ୟାର୍ଥୀମାନଙ୍କୁ ଚିନ୍ତା ପ୍ରରୋଚିତ ପ୍ରଶ୍ନ ପଚାରିବା ଏବଂ ଶିକ୍ଷକମାନଙ୍କୁ ମାର୍ଗଦର୍ଶନ ଦେବାରେ ସହାୟକ ହେବ ।

ଶିକ୍ଷାର୍ଥୀଙ୍କର ସାମଗ୍ରିକ ବିକାଶ ପାଇଁ ଏଥିରେ "ଆସ ମିଳିମିଶି ଖେଳିବା", "ଗୃହକାର୍ଯ୍ୟ" ସଂଯୋଜିତ ହୋଇଛି । ଏହି ପୁସ୍ତକ ପ୍ରସ୍ତୁତିରେ ସେଣ୍ଟର ଫର ଏନଭାଇରନ୍‌ମେଣ୍ଟାଲ ଷ୍ଟଡିଜ୍, ଓଡ଼ିଶା ବାୟୋଡାଇଭର୍ସିଟି ବୋର୍ଡ, ଓଡ଼ିଶା ବିଜ୍ଞାନ ଏକାଡେମୀ ଓ ୟୁନିସେଫର ପ୍ରଚେଷ୍ଟା ଏବଂ ଅବଦାନ ପ୍ରଶଂସନୀୟ । ସଂପାଦନାମଣ୍ଡଳୀ, ସଂଯୋଜିକା/ସଂଯୋଜକ ଏବଂ ପୁସ୍ତକ ପ୍ରସ୍ତୁତିରେ ସାମିଲ ହୋଇଥିବା ସମସ୍ତ ଶିକ୍ଷାବିତ, ବିଶେଷଜ୍ଞ ଓ ଲେଖକଙ୍କୁ ପରିଷଦ ତରଫରୁ କୃତଜ୍ଞତା ଜଣାଇବା ସହ ବିଷୟ ଶିକ୍ଷକ ତଥା ଅଭିଭାବକ, ପାଠକମାନଙ୍କ ସୁଚିନ୍ତିତ ପରାମର୍ଶ ଏବଂ ରଚନାତ୍ମକ ମତାମତକୁ ପରବର୍ତ୍ତୀ ସଂସ୍କରଣ ନିମନ୍ତେ ଆହ୍ୱାନ କରୁଛି ।

**(ସଭାପତି)**

ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା

# ଆଦ୍ୟଭାଷ

ଶିକ୍ଷାର୍ଥୀମାନଙ୍କୁ ଭବିଷ୍ୟତ ନିମନ୍ତେ ପ୍ରସ୍ତୁତ କରିବାର ଲକ୍ଷ୍ୟ ସହିତ ରାଜ୍ୟର ସମସ୍ତ ମାଧ୍ୟମିକ ବିଦ୍ୟାଳୟରେ ଶିକ୍ଷାର୍ଥୀ-ନେତୃତ୍ୱାଧୀନ କ୍ଲବ ବ୍ୟବସ୍ଥା ପ୍ରତିଷ୍ଠା କରାଯାଇଛି । ଏହି କ୍ଲବଗୁଡ଼ିକ ହେଉଛି- ଜିଜ୍ଞାସା, ସାହିତ୍ୟ ସୃଜନୀ, କୌଶାଳୀ ଏବଂ କ୍ରୀଡ଼ାଙ୍ଗନ । ବିଭିନ୍ନ କାର୍ଯ୍ୟକଳାପ ମାଧ୍ୟମରେ ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ସେମାନଙ୍କ ପରିବେଶ ବିଷୟରେ କୌତୁହଳ ସୃଷ୍ଟି କରିବାକୁ ଜିଜ୍ଞାସା ଲକ୍ଷ୍ୟ ରଖିଛି । ଏହି କ୍ଲବ୍ ଶିକ୍ଷାର୍ଥୀମାନଙ୍କୁ ବିଜ୍ଞାନ ଏବଂ ପ୍ରକୃତି ବିଷୟରେ ଶିକ୍ଷା ଦେବା ପାଇଁ ଏକ ମାଧ୍ୟମ ଭାବରେ କାର୍ଯ୍ୟ କରିବା ସହିତ ସେମାନଙ୍କୁ ସ୍ଥାନୀୟ ସଂସ୍କୃତି, ରୀତିନୀତି ଏବଂ ଅଭ୍ୟାସ ବିଷୟରେ ଜାଣିବା ପାଇଁ ଉତ୍ସାହିତ କରିବ ।

ନବମ ଏବଂ ଦଶମ ଶ୍ରେଣୀ ପାଇଁ ଉଦ୍ଦିଷ୍ଟ "ଜିଜ୍ଞାସା" ପୁସ୍ତକରେ ୨୦ଟି ଅଧିବେଶନ ରହିଛି । ଅଧିକାଂଶ ଅଧ୍ୟାୟରେ ଆବଶ୍ୟକ ଅନୁଯାୟୀ ଚିତ୍ର ରହିଛି । ଏହା ଶିକ୍ଷାର୍ଥୀମାନଙ୍କର ବିଜ୍ଞାନ ପ୍ରତି ନୂତନ ଆଗ୍ରହ ସୃଷ୍ଟି କରିବାରେ ଏବଂ ସେମାନଙ୍କ ଜୀବନଶୈଳୀରେ ପରିବର୍ତ୍ତନ ଆଣିବାରେ ସହାୟକ ହେବ ।

ଅଧିକାଂଶ ଅଧିବେଶନରେ ଶିକ୍ଷାର୍ଥୀଙ୍କ ଅଭ୍ୟାସ ପାଇଁ ଗୃହକାର୍ଯ୍ୟ ରହିଛି । ସେଗୁଡ଼ିକୁ ଶିକ୍ଷାର୍ଥୀମାନେ ଶିକ୍ଷକଙ୍କ ସାହାଯ୍ୟ ନେଇ ଅଭ୍ୟାସ କଲେ ବିଷୟବସ୍ତୁ ସହଜ ଓ ବୋଧଗମ୍ୟ ହୋଇପାରିବ । ଶିକ୍ଷକମାନେ ପୁସ୍ତକରେ ଥିବା ଗୃହକାର୍ଯ୍ୟ ବ୍ୟତୀତ ଇଚ୍ଛା ଅନୁସାରେ ଅନ୍ୟପ୍ରକାରର କାର୍ଯ୍ୟ ମଧ୍ୟ ଶିକ୍ଷାର୍ଥୀଙ୍କୁ କରିବା ପାଇଁ ଦେଇ ପାରିବେ ।

ଶିକ୍ଷାର୍ଥୀମାନେ ବର୍ଷକୁ ଦୁଇଟି ପ୍ରକଳ୍ପ ଉପରେ କାର୍ଯ୍ୟ କରିବେ । ପ୍ରକଳ୍ପରେ ଜୈବ ବିବିଧତା, ଭୌତିକ ବିଜ୍ଞାନ, ଜଳବାୟୁ ପରିବର୍ତ୍ତନ ଏବଂ ପ୍ରକୃତି-ସଂସ୍କୃତି-ଇତିହାସ ବିଷୟ ରହିବ । ସେଥିମଧ୍ୟରୁ ଜୈବ ବିବିଧତା ବିଷୟ ବାଧ୍ୟତାମୂଳକ ହୋଇଥିବା ବେଳେ ଆଉ ଗୋଟିଏ ପ୍ରକଳ୍ପ ବଳକା ୩ଟି ମଧ୍ୟରୁ ବାଛିପାରିବେ ।

**(ସଂପାଦନାମଣ୍ଡଳୀ)**

# ସୂଚୀ


| ପ୍ରସଙ୍ଗ | ପୃଷ୍ଠା |
|---|---|
| ଅଧିବେଶନ-୧ : ପ୍ରକଳ୍ପ ଆଧାରରେ ଶିକ୍ଷଣ କାର୍ଯ୍ୟ | ୧ |
| ଅଧିବେଶନ-୨ : ଆସ ପକ୍ଷୀଙ୍କୁ ଚିହ୍ନିବା | ୪ |
| ଅଧିବେଶନ-୩ : ସ୍ତନ୍ୟପାୟୀ ପ୍ରାଣୀଙ୍କ ବିଶେଷତ୍ୱ ଓ ଖାଦ୍ୟାଭ୍ୟାସ | ୮ |
| ଅଧିବେଶନ-୪ : ମାଛର ଗଠନ ପ୍ରଣାଳୀ ଓ ଉପଯୋଗିତା | ୧୦ |
| ଅଧିବେଶନ-୫ : ମାଟିର ପ୍ରକାର ଓ ସେଥିରୁ ଉତ୍ପନ୍ନ ହେଉଥିବା ଫସଲ | ୧୨ |
| ଅଧିବେଶନ-୬ : ଆସ ଆମ ବରଗଛକୁ ଜାଣିବା | ୧୫ |
| ଅଧିବେଶନ-୭ : ଫୁଲର ବିଭିନ୍ନ ଅଂଶ | ୧୭ |
| ଅଧିବେଶନ-୮ : ବର୍ଜ୍ୟବସ୍ତୁ ଉତ୍ପାଦନ ଓ ନିଷ୍କାସନ ସମ୍ପର୍କରେ ଜାଣିବା | ୧୮ |
| ଅଧିବେଶନ-୯ : ପ୍ରକଳ୍ପ ଉପସ୍ଥାପନ | ୨୧ |
| ଅଧିବେଶନ-୧୦ : 3Rs - Reduce (ସମ୍ବରଣ), Reuse (ପୁନଃ ବ୍ୟବହାର) ଓ Recycle (ପୁନଃ ଚକ୍ରଣ) | ୨୨ |
| ଅଧିବେଶନ-୧୧ : ବିଭିନ୍ନ ଉତ୍ସରୁ ଉପଲବ୍ଧ ଜଳର ପ୍ରକାର ଅଧ୍ୟୟନ | ୨୬ |
| ଅଧିବେଶନ-୧୨ : ତାପ ଓ ତାପମାତ୍ରା (ବାଷ୍ପୀଭବନକୁ ପ୍ରଭାବିତ କରୁଥିବା କାରକ) | ୨୯ |
| ଅଧିବେଶନ-୧୩ : ଶକ୍ତି ସଂରକ୍ଷଣ | ୩୩ |
| ଅଧିବେଶନ-୧୪ : ଆମର ଚତୁର୍ଦ୍ଦିଗରେ ଜଳବାୟୁ ପରିବର୍ତ୍ତନର ପ୍ରଭାବ ଅନୁସନ୍ଧାନ | ୩୫ |
| ଅଧିବେଶନ-୧୫ : ପାରମ୍ପରିକ ଖାଦ୍ୟର ପୌଷ୍ଟିକତା ଓ ଏକ ସନ୍ତୁଳିତ ଖାଦ୍ୟ ଥାଳି | ୩୭ |
| ଅଧିବେଶନ-୧୬ : ଯୁବଗୋଷ୍ଠୀ ମାନଙ୍କର ଉତ୍ତମ ଖାଦ୍ୟାଭ୍ୟାସ | ୪୦ |
| ଅଧିବେଶନ-୧୭ : ହାତ ଧୋଇବା ସ୍ୱାସ୍ଥ୍ୟ ପ୍ରତି କେତେ ଉପକାରୀ ତାହାକୁ ବୁଝିବା ଓ ଜାଣିବା | ୪୪ |
| ଅଧିବେଶନ-୧୮ : ଆଞ୍ଚଳିକ ଇତିହାସ | ୪୭ |
| ଅଧିବେଶନ-୧୯ : ପ୍ରକଳ୍ପ ପ୍ରଦର୍ଶନ | ୪୮ |
| ଅଧିବେଶନ-୨୦ : ପ୍ରକଳ୍ପ ଉପସ୍ଥାପନ | ୪୯ |
| ସଂଯୁକ୍ତ ଫର୍ଦ୍ଦ-୧ | ୪୯ |
| ସଂଯୁକ୍ତ ଫର୍ଦ୍ଦ-୨ | ୫୦ |
| ସଂଯୁକ୍ତ ଫର୍ଦ୍ଦ-୩ | ୫୧ |
| ସଂଯୁକ୍ତ ଫର୍ଦ୍ଦ-୪ | ୫୩ |
| ସଂଯୁକ୍ତ ଫର୍ଦ୍ଦ-୫ | ୫୪ |
| ସଂଯୁକ୍ତ ଫର୍ଦ୍ଦ-୬ | ୬୦ |

| ଅଧିବେଶନ-୧ | ଅଧିବେଶନ କୋଡ୍ | ଅବଧି |
|---|---|---|
| ପ୍ରକଳ୍ପ ଆଧାରରେ ଶିକ୍ଷଣ କାର୍ଯ୍ୟ | ୦୦୧ | ୪୫ ମିନିଟ୍ |

**ଉପକ୍ରମ** ପ୍ରକଳ୍ପ କାର୍ଯ୍ୟ ହେଉଛି ଏକ କାର୍ଯ୍ୟଧାରା ଯାହା ଶିକ୍ଷାର୍ଥୀଙ୍କୁ ଶିକ୍ଷାଗ୍ରହଣ ସହିତ ଦକ୍ଷତା, ଇଚ୍ଛାଶକ୍ତି ଏବଂ ଅଭିଜ୍ଞତାକୁ ନେଇ ଅନୁସନ୍ଧାନ କରିବାର ଆଗ୍ରହକୁ ବଢାଇଥାଏ । ପ୍ରକଳ୍ପ କାର୍ଯ୍ୟ ଶିକ୍ଷାର୍ଥୀଙ୍କ ପାଇଁ ସୁଯୋଗ ଆଣିଦେଇଥାଏ ।

## ଆସ କରିବା ଓ ଶିଖିବା (Learning by doing)

### ପ୍ରକଳ୍ପ କାର୍ଯ୍ୟର ବୈଶିଷ୍ଟ୍ୟ

୧. କୌତୁହଳପ୍ରଦ - ବିଷୟ, ଶିକ୍ଷକ ମାନଙ୍କ ଆଭିମୁଖ୍ୟ ଓ ମନୋଭାବ

୨. ଉତ୍ପାଦକତା – କୌଣସି ଉତ୍କୃଷ୍ଟ ଉତ୍ପାଦ ପାଇବା ଏହାର ମୂଳ ଲକ୍ଷ୍ୟ

୩. ସକ୍ରିୟ – ଶିକ୍ଷାର୍ଥୀ କରିବେ, ଶିକ୍ଷାର୍ଥୀ ଶିଖିବେ ।  ଏହି ପ୍ରକଳ୍ପ କାର୍ଯ୍ୟରେ ଶିକ୍ଷାର୍ଥୀମାନଙ୍କର ହିଁ ମୁଖ୍ୟ ଭୂମିକା ରହିଛି ।

୪. ସମନ୍ୱୟ – ଶିକ୍ଷାର୍ଥୀ ଏବଂ ବିଦ୍ୟାଳୟ ମଧ୍ୟରେ ଆଭ୍ୟନ୍ତରୀଣ ସମନ୍ୱୟ ସହ ଏହା ଶିକ୍ଷାର୍ଥୀମାନଙ୍କ ଜ୍ଞାନ ଆହରଣ ଦିଗରେ କାର୍ଯ୍ୟ କରେ ।

୫. ପ୍ରାମାଣିକ – ଭାଷା, ବିଷୟବସ୍ତୁ ଏବଂ ପାରସ୍ପରିକ ତଥ୍ୟ ଆଦାନ ପ୍ରଦାନ ।

୬. ଉପଯୋଗୀ – ଶିକ୍ଷାର୍ଥୀ, ଶିକ୍ଷକ ଏବଂ ସ୍କୁଲ ପାଇଁ ଏହି ପ୍ରକଳ୍ପର ଅନ୍ତିମ ଉତ୍ପାଦଗୁଡିକ ଭବିଷ୍ୟତରେ ଉପଯୋଗୀ ହୋଇପାରିବା ଆବଶ୍ୟକ ।

୭. ପ୍ରେରଣାଦାୟୀ – ଶିକ୍ଷାର୍ଥୀମାନଙ୍କୁ ପ୍ରକଳ୍ପ କାର୍ଯ୍ୟରେ ଜଡ଼ିତ କରିବା ପାଇଁ ଏହାକୁ ଏକ ଆହ୍ୱାନ ଭାବରେ ଗ୍ରହଣ କରିବାକୁ ହେବ ।

୮. ପରିସ୍ଥିତି ସୁଲଭ - ଏହି ପ୍ରକ୍ରିୟା ମୂଲ୍ୟାୟନ ଅନୁକୂଳ ହେବା ଉଚିତ ।

## ପ୍ରକଳ୍ପ କାର୍ଯ୍ୟର ଉଦ୍ଦେଶ୍ୟ (ଶିକ୍ଷକଙ୍କ ପାଇଁ ସୂଚନା)

୧. ବାସ୍ତବ ଜଗତ ସହିତ ଶିକ୍ଷାର୍ଥୀମାନଙ୍କୁ ପରିଚିତ କରାନ୍ତୁ, ଯାହାକୁ ତା'ର ଆବଶ୍ୟକତା ଅନୁଯାୟୀ ଗ୍ରହଣ ଓ ଖାପଖୁଆଇବାରେ ସାହାଯ୍ୟ କରନ୍ତୁ ।

୨. ସମାଲୋଚନା ଧର୍ମୀ ଓ ସୃଜନଶୀଳ ଚିନ୍ତାଧାରା ସହ ସ୍ୱାଧୀନ କାର୍ଯ୍ୟ କରିବାର କ୍ଷମତା ବିଷୟରେ ଜଣାନ୍ତୁ ।

୩. ଶିକ୍ଷାର୍ଥୀମାନଙ୍କର ଆଗ୍ରହ ଥିବା ଦିଗଗୁଡ଼ିକୁ ଅନୁସରଣ କରନ୍ତୁ ।

୪. ଯୁକ୍ତି ସଙ୍ଗତ ତର୍କ ପାଇଁ ସେମାନଙ୍କ ଯୋଗାଯୋଗ କ୍ଷମତା ବୃଦ୍ଧି କରନ୍ତୁ ।

୫. ଭିନ୍ନ ଦକ୍ଷତା ସମ୍ପନ୍ନ ଶିକ୍ଷାର୍ଥୀମାନଙ୍କୁ ସମାନ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକୁ ମିଳିତ ଭାବରେ କରିବାକୁ ଉତ୍ସାହିତ କରନ୍ତୁ । ଯେଉଁମାନେ ଭାଷାଭିତ୍ତିରେ ଅପେକ୍ଷାକୃତ ଦୁର୍ବଳ ସେମାନେ ଅନ୍ୟ ପ୍ରତିଭାରେ ସକ୍ଷମ ହୋଇଥାଇପାରନ୍ତି, ଯାହା ପ୍ରକଳ୍ପର ସଫଳତା ପାଇଁ ଗୁରୁତ୍ୱପୂର୍ଣ୍ଣ ଅଟେ ।

## ଶିକ୍ଷକମାନଙ୍କ ଦାୟିତ୍ୱ

ଜଣେ ଶିକ୍ଷକ ଶିକ୍ଷାର୍ଥୀମାନଙ୍କ ବୌଦ୍ଧିକ ବିକାଶରେ ପ୍ରମୁଖ ଭୂମିକା ବହନ କରିଥା'ନ୍ତି ।

ଆଦର୍ଶ ଶିକ୍ଷକଙ୍କ ବୈଶିଷ୍ଟ୍ୟ :-

୧. ପ୍ରକଳ୍ପ କାର୍ଯ୍ୟ ମାଧ୍ୟମରେ ଜଣେ ଶିକ୍ଷକ ଯେଉଁ ଶିକ୍ଷଣ ଫଳାଫଳ ଉପଲବ୍ଧି କରିଥାଏ ତାହାକୁ ଶିକ୍ଷାର୍ଥୀମାନଙ୍କ ସହ ଆଲୋଚନା କରିବା ଆବଶ୍ୟକ ।

୨. ଶିକ୍ଷକମାନେ ଶିକ୍ଷାର୍ଥୀମାନଙ୍କ ସହିତ ପ୍ରତ୍ୟେକ ବିଷୟର ବିସ୍ତୃତ ଆଲୋଚନା ଏବଂ ବିଚାର ବିମର୍ଷ ପରେ ସେମାନଙ୍କ ବିଷୟ ଚୟନ କରନ୍ତି ।

୩. ପର୍ଯ୍ୟାୟ କ୍ରମେ ଆଲୋଚନା ମାଧ୍ୟମରେ ଶିକ୍ଷାର୍ଥୀମାନଙ୍କ ପ୍ରକଳ୍ପ କାର୍ଯ୍ୟକୁ ସମର୍ଥନ ଓ ତଦାରଖ କରିବା ପାଇଁ ଏକ ଉପାଦେୟ ଉପଦେଶ ପ୍ରଦାନ କରନ୍ତି ।

୪. ଅନୁସନ୍ଧାନ କାର୍ଯ୍ୟରେ ଶିକ୍ଷାର୍ଥୀମାନଙ୍କ ତଥ୍ୟର ଉତ୍ସ ସମ୍ବନ୍ଧରେ ସେମାନଙ୍କୁ ପରାମର୍ଶ ଦିଅନ୍ତି ।

୫. ଶିକ୍ଷାର୍ଥୀମାନେ ସେମାନଙ୍କ ପ୍ରକଳ୍ପର ପ୍ରାଥମିକ ପ୍ରମାଣ ଏବଂ ଅନ୍ୟାନ୍ୟ ଉତ୍ସଗୁଡ଼ିକର ପ୍ରାସଙ୍ଗିକତାକୁ ସଠିକ୍ ଭାବରେ ଗ୍ରହଣ କରିଥିବା ନେଇ ଶିକ୍ଷିକ ନିଶ୍ଚିତ କରନ୍ତୁ ।

୬. ଶିକ୍ଷାର୍ଥୀମାନେ ବିଷୟବସ୍ତୁରୁ ଏକ ସିଦ୍ଧାନ୍ତ ନେବା ପାଇଁ ସକ୍ଷମ ହୋଇଥିବା ନେଇ ନିଶ୍ଚିତ କରନ୍ତୁ ଓ ଅନୁସନ୍ଧାନ ସମୟରେ ସମ୍ମୁଖୀନ ହୋଇଥିବା ଅସୁବିଧାଗୁଡ଼ିକ ଆଲୋଚନା କରନ୍ତୁ ।

୭. ପ୍ରକଳ୍ପ କାର୍ଯ୍ୟର ଉପସ୍ଥାପନା ପାଇଁ ଶିକ୍ଷାର୍ଥୀଙ୍କୁ ପ୍ରସ୍ତୁତ କରନ୍ତୁ ।

୮. ପ୍ରକଳ୍ପ ଫାଇଲ୍‌ର ଏକ ବିଧିବଦ୍ଧ ଉପସ୍ଥାପନା ପ୍ରସ୍ତୁତ କରନ୍ତୁ ।

## ପ୍ରକଳ୍ପ ପରିଚାଳନା ସହିତ ଜଡ଼ିତ ପଦକ୍ଷେପ

ଶିକ୍ଷାର୍ଥୀମାନେ ନିମ୍ନଲିଖିତ ପ୍ରସ୍ତାବ ଅନୁଯାୟୀ କାର୍ଯ୍ୟ କରିପାରିବେ –

- ବିଷୟବସ୍ତୁ ନିର୍ଦ୍ଧାରଣ କରନ୍ତୁ ।
- ଅନୁସନ୍ଧାନ ସାମଗ୍ରୀ / ତଥ୍ୟ ସଂଗ୍ରହ ।
- ସାମଗ୍ରୀ ବା ତଥ୍ୟଗୁଡ଼ିକୁ ବ୍ୟବସ୍ଥିତ ଢଙ୍ଗରେ ସଜାନ୍ତୁ ।
- ସାମଗ୍ରୀ/ତଥ୍ୟଗୁଡ଼ିକୁ ଉପସ୍ଥାପିତ କରନ୍ତୁ ।
- ଉପସଂହାର ପାଇଁ ସାମଗ୍ରୀ/ତଥ୍ୟଗୁଡ଼ିକର ବିଶ୍ଳେଷଣ କରନ୍ତୁ ।
- ପ୍ରକଳ୍ପର ଉପସଂହାର ନିର୍ଦ୍ଧାରଣ କରନ୍ତୁ ।
- ପ୍ରକଳ୍ପ କାର୍ଯ୍ୟର ଉପସ୍ଥାପନା କରନ୍ତୁ ।
  - ପ୍ରକଳ୍ପ କାର୍ଯ୍ୟ ପାୱାର ପଏଣ୍ଟ ପ୍ରେଜେଣ୍ଟେସନ୍ / ପ୍ରଦର୍ଶନୀ / ସ୍କିଟ୍ / ଆଲବମ୍ / ଫାଇଲ୍ / ସଂଗୀତ ଓ ନୃତ୍ୟ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ / ଗଳ୍ପ କଥନ / ବକ୍ତୃତା / ତର୍କ / ପେପର ପ୍ରେଜେଣ୍ଟେସନ୍ ମାଧ୍ୟମରେ ପ୍ରଦର୍ଶିତ ହୋଇପାରିବ । ଶିକ୍ଷାର୍ଥୀମାନେ ସେମାନଙ୍କ ପସନ୍ଦ ମୁତାବକ ବିଷୟବସ୍ତୁ ଚୟନ କରିପାରିବେ । ଦୃଷ୍ଟିବାଧିତ / ଦିବ୍ୟାଙ୍ଗ ଶିକ୍ଷାର୍ଥୀମାନେ ସେମାନଙ୍କ କ୍ଷମତା ଅନୁସାରେ ବିଷୟବସ୍ତୁ ଚୟନ କରିପାରିବେ ।

## ଜୈବବିବିଧତା ପ୍ରକଳ୍ପ

ଶିକ୍ଷାର୍ଥୀମାନେ ସେମାନଙ୍କ ଅଞ୍ଚଳରେ ଦେଖିବାକୁ ମିଳୁଥିବା ଏକ ନିର୍ଦ୍ଦିଷ୍ଟ ପ୍ରଜାତିର ବୃକ୍ଷ,ପକ୍ଷୀ ଏବଂ ସ୍ତନ୍ୟପାୟୀ (ମାମାଲ)ମାନଙ୍କ ଉପରେ ପର୍ଯ୍ୟବେକ୍ଷଣ କରିବେ ଏବଂ ସେମାନଙ୍କ ଉପରେ ପ୍ରକଳ୍ପ ଆଧାରରେ ତଥ୍ୟ ସଂଗ୍ରହ କରି ବର୍ଷ ଶେଷରେ ଉପସ୍ଥାପନ କରିବେ ।

ଉପସ୍ଥାପନାଟି ପି.ପି.ଟି (Power Point Presentation) ମାଧ୍ୟମରେ ହୋଇପାରେ ବା ତଥ୍ୟ ଏବଂ ଚିତ୍ରକୁ ନେଇ କାଗଜ କଲମରେ ଲିଖିତ ଆକାରରେ ଦେଇପାରିବେ।

ଶିକ୍ଷାର୍ଥୀମାନେ ପ୍ରକଳ୍ପକାର୍ଯ୍ୟ ପ୍ରସ୍ତୁତ କରିବା ସମୟରେ କେଉଁ କେଉଁ ବିଷୟ ପ୍ରତି ଧ୍ୟାନଦେବା ଆବଶ୍ୟକ-

- ସ୍ଥାନୀୟ ନାମ, ଓଡିଆ ନାମ, ଇଂରାଜୀ ନାମ, ବୈଜ୍ଞାନିକ ନାମ
- ପ୍ରାକୃତିକ ବାସସ୍ଥାନ, କେଉଁ ଅଞ୍ଚଳରେ ଦେଖାଯାଏ, ପରିବେଶ ଓ ପରିସଂସ୍ଥା
- ବାହ୍ୟ ଲକ୍ଷଣ ଅନୁଯାୟୀ ଚିହ୍ନଟ କରାଯାଇ ପାରୁଥିବା ସାଧାରଣ ଗୁଣ
- ସାମାଜିକ-ଅର୍ଥନୈତିକ, ପରିବେଶ, ଜୈବିକ, ସାଂସ୍କୃତିକ ଓ ପରିସଂସ୍ଥା ସମ୍ପର୍କିତ ମହତ୍ୱ
- ଏକ ନିର୍ଦ୍ଦିଷ୍ଟ ଜାତିର ଜୀବ (ବୃକ୍ଷ, ପକ୍ଷୀ, ସ୍ତନ୍ୟପାୟୀ) ସହ ଜଡିତ ପାରମ୍ପରିକ ଜ୍ଞାନ
- ନିର୍ଦ୍ଦିଷ୍ଟ ବୃକ୍ଷ ଏବଂ ପ୍ରାଣୀଙ୍କ ମଧ୍ୟରେ ରହିଥିବା ପରିସଂସ୍ଥା ସମ୍ପର୍କିତ ସମ୍ବନ୍ଧ
- ଜୀବକୁ ସଂରକ୍ଷଣ କରିବାର ଆବଶ୍ୟକତା

ଜୈବ ବିବିଧତା ପ୍ରକଳ୍ପ ବିଷୟରେ ଶିକ୍ଷକ ଦ୍ୱିତୀୟ ଅଧିବେଶନ ସମୟରେ ବିସ୍ତାର ଭାବରେ ଉପସ୍ଥାପନା କରିବେ ।

| ଅଧିବେଶନ-୨ | ଅଧିବେଶନ କୋଡ୍ | ଅବଧି |
|---|---|---|
| ଆସ ପକ୍ଷୀଙ୍କୁ ଚିହ୍ନିବା | ୦୦୨ | ୪୫ ମିନିଟ୍ |

## ପୂର୍ବ ପାଠର ପୁନରାବୃତ୍ତି

୫ ମିନିଟ୍

ଶିକ୍ଷକ ପକ୍ଷୀର ଉପଯୋଜନ ବିଷୟରେ ଶ୍ରେଣୀରେ ଆଲୋଚନା କରିବେ ଏବଂ ଶ୍ରେଣୀରେ ସ୍ମାର୍ଟ ବୋର୍ଡ ବା ପ୍ରୋଜେକ୍ଟରରେ ପିଲାମାନଙ୍କୁ ପକ୍ଷୀର ଚିତ୍ର ଦେଖାଇବେ ।

## ଉଦ୍ଦେଶ୍ୟ

୧. ନିଜ ଚାରି ପାଖରେ ଦେଖୁଥିବା ବିଭିନ୍ନ ପକ୍ଷୀ ମାନଙ୍କର ନାମ କହିବେ ।
୨. ସେମାନଙ୍କର ଖାଦ୍ୟ ଗ୍ରହଣ ପ୍ରଣାଳୀ ବିଷୟରେ ଜାଣିବେ ।
୩. ବିଭିନ୍ନ ପକ୍ଷୀ କିପରି ବସା କରିଥାନ୍ତି ତାହା ଜାଣିବେ ।
୪. ପକ୍ଷୀମାନଙ୍କ ପ୍ରତି ସମ୍ବେଦନଶୀଳ ହେବେ ଓ ତାଙ୍କ ସୁରକ୍ଷା ପାଇଁ ଯତ୍ନଶୀଳ ହେବେ ।

## ଆସ ପକ୍ଷୀଙ୍କୁ ଚିହ୍ନିବା

### ଆବଶ୍ୟକ ଉପକରଣ

- ପକ୍ଷୀଙ୍କ ଚିତ୍ର ଓ ଭିଡିଓ
- କାଗଜ, ସ୍କେଚ୍ ପେନ୍, କଲମ

### ପୂର୍ବ ପ୍ରସ୍ତୁତି

- ଶିକ୍ଷକ ପକ୍ଷୀ ବିଷୟରେ କିଛି ତଥ୍ୟ ସଂଗ୍ରହ କରି ପିଲାଙ୍କୁ ଶ୍ରେଣୀରେ ଦେଖାଇବେ । ଅଧିବେଶନ ପାଇଁ ଆବଶ୍ୟକୀୟ ତଥ୍ୟ ସଂଗ୍ରହ କରିଥିବେ । (ଚିତ୍ର, ଭିଡିଓ ଓ ପିପିଟି)

## ଆସ ମିଳିମିଶି ଖେଳିବା

ପ୍ରଥମେ ଗୋଟିଏ ପିଲା ଅନ୍ୟ ଏକ ପିଲାର ନାମ କହିବା ମାତ୍ରେ ସେହି ପିଲାଟି ତତ୍‌କ୍ଷଣାତ୍ ନିଜ ପାର୍ଶ୍ୱରେ ଦେଖୁଥିବା ଗୋଟିଏ ପକ୍ଷୀର ନାମ କହିବେ । ଉକ୍ତ ପିଲାଟି ଆଉ ଗୋଟିଏ ପିଲାର ନାମ କହିବା ମାତ୍ରେ ସେହି ପିଲାଟି ଗୋଟିଏ ପକ୍ଷୀର ନାମ କହିବ ଯେପରି କୌଣସି ପକ୍ଷୀର ନାମ ପୁନରାବୃତ୍ତି ହେବ ନାହିଁ । ଏହିପରି ଭାବେ ଶିକ୍ଷକ ପିଲାମାନଙ୍କଠାରୁ ବିଭିନ୍ନ ପକ୍ଷୀମାନଙ୍କର ନାମ ସଂଗ୍ରହ କରିବେ ।

**ସୂଚନା :**

- ପିଲାମାନଙ୍କୁ ୩ଟି ଦଳରେ ବିଭକ୍ତ କରନ୍ତୁ । ପ୍ରତ୍ୟେକ ଦଳରୁ ଏକ ଦଳପତି ବାଛନ୍ତୁ ।

### ପ୍ରଥମ ଦଳ ପାଇଁ  କାର୍ଯ୍ୟ

| ପକ୍ଷୀର ଚିତ୍ର | ପକ୍ଷୀର ନାମ | ଉଡ଼ିପାରେ/ଉଡ଼ିପାରେ ନାହିଁ | ଛୋଟ ପକ୍ଷୀ /ବଡ଼ ପକ୍ଷୀ |
|---|---|---|---|
| | | | |
| | | | |
| | | | |

### ଦ୍ୱିତୀୟ ଦଳ ପାଇଁ କାର୍ଯ୍ୟ

| କୀଟ ପତଙ୍ଗ ଖାଉଥିବା ପକ୍ଷୀଙ୍କ ନାମ | ମାଂସ ଖାଉଥିବା ପକ୍ଷୀଙ୍କ ନାମ | ଦାନା ଖାଉଥିବା ପକ୍ଷୀଙ୍କ ନାମ | ଉଭୟ ଦାନା ଓ ମାଂସ ଖାଉଥିବା ପକ୍ଷୀଙ୍କ ନାମ |
|---|---|---|---|
| | | | |
| | | | |
| | | | |
| | | | |

### ୩ୟ ଦଳ ପାଇଁ କାର୍ଯ୍ୟ

| ପକ୍ଷୀର ନାମ | ବସା କରୁଥିବା ସ୍ଥାନ | ବସାରେ ବ୍ୟବହୃତ ସାମଗ୍ରୀ | ବସାର ଚିତ୍ର |
|---|---|---|---|
| | | | |
| | | | |
| | | | |

**ଶିକ୍ଷକ ମାନଙ୍କ କାର୍ଯ୍ୟ : ବିଭିନ୍ନ ଦଳ ପାଇଁ**

**ଦଳ ୧ :** କେଉଁ ପକ୍ଷୀ ଉଡ଼ିପାରେ ବା ଉଡ଼ିପାରେ ନାହିଁ, ତାହାର କାରଣ ବିଷୟରେ ବୁଝାଇବେ ।

**ଦଳ ୨ :** ପକ୍ଷୀମାନଙ୍କର ଖାଦ୍ୟାଭ୍ୟାସ କିପରି ପରିବେଶକୁ ପ୍ରଭାବିତ କରେ ଆଲୋଚନା କରିବେ ।

**ଦଳ ୩ :** ପକ୍ଷୀର ବସାରେ ବ୍ୟବହୃତ ସାମଗ୍ରୀର ସ୍ଥାୟୀତ୍ୱ ବିଷୟରେ ଅବଗତ କରାଇବା ସହ ପକ୍ଷୀ ମାନଙ୍କର ସଂଖ୍ୟା କମିବାର କାରଣ (ବାସସ୍ଥାନର ଅଭାବ) ବିଷୟରେ ଆଲୋଚନା କରିବେ ।

**ଆମେ କ'ଣ ଶିଖିଲେ :**

୧. କେଉଁ ପକ୍ଷୀର ବସା କରୁଥିବା ସ୍ଥାନଟି ଅନ୍ୟମାନଙ୍କଠୁ ଅଲଗା ?

(କ) କାଉ (ଖ) ପାରା (ଗ) ବଗ (ଘ) ବାଇ ଚଢ଼େଇ

୨. ଏମାନଙ୍କ ମଧ୍ୟରୁ କେଉଁ ପକ୍ଷୀ ଉଡ଼ିପାରେ ନାହିଁ ?

(କ) ଶୁଆ (ଖ) ଓଟ ପକ୍ଷୀ (ଗ) କଜଳପାତି (ଘ) କାଠହଣା

୩. ଏମାନଙ୍କ ମଧ୍ୟରୁ କେଉଁ ପକ୍ଷୀ ପରିବେଶକୁ ସଫା କରିବାରେ ସାହାଯ୍ୟ କରେ ?

(କ) ଶାଗୁଣା (ଖ) ଶୁଆ (ଗ) ବଗ (ଘ) ଶାରୀ

## ଗୃହ କାର୍ଯ୍ୟ

- ଶୀତ ଦିନେ ଚିଲିକାକୁ ଆସୁଥିବା ପରିବ୍ରାଜକ ପକ୍ଷୀମାନଙ୍କ ଚିତ୍ର ସଂଗ୍ରହ କରି ପରୀକ୍ଷଣ ଖାତାରେ ଲଗାନ୍ତୁ ଓ ସେମାନଙ୍କ ବିଷୟରେ ତଥ୍ୟ ସଂଗ୍ରହକରି ଲେଖନ୍ତୁ ।

**କିମ୍ବା**

- କୌଣସି ଏକ ପକ୍ଷୀ ବସାର ମଡେଲ ତିଆରି କରି ଆଣିବେ ।

## ଜୈବ ବିବିଧତା ପ୍ରକଳ୍ପ ପାଇଁ ଫର୍ମାଟ

| | |
|---|---|
| ୧. | ଛାତ୍ର ବା ଛାତ୍ରୀଙ୍କ ନାମ – |
| ୨. | ଶ୍ରେଣୀ – |
| ୩. | ବିଦ୍ୟାଳୟ – |
| ୪. | ବିଷୟ – |
| ୫. | ଚିହ୍ନିତ ଜୀବ ନାମ – |
| ୬. | ଜୀବର ସାଧାରଣ ବାସସ୍ଥାନ କଣ ? |
| ୭. | ଏହି ଜୀବଟି ଆଉ କେଉଁ ଅଞ୍ଚଳରେ ଦେଖାଯାଏ ? |
| ୮. | ଆପଣ ସାଧାରଣତଃ ନିଜ ଆଖପାଖରେ ଏହି ଜୀବ ଦେଖନ୍ତି କି ? |

| | |
|---|---|
| ୯. | ଏହି ଜୀବ ବର୍ଷସାରା ଆପଣଙ୍କ ଅଞ୍ଚଳରେ ଦେଖିବାକୁ ମିଳନ୍ତି କି ? |
| ୧୦. | ଜୀବର ସାଧାରଣ ବୈଶିଷ୍ଟ୍ୟଗୁଡ଼ିକ କଣ ? ସେମାନଙ୍କର ରଙ୍ଗ ଓ ଆକାର ଚିହ୍ନଟ କରନ୍ତୁ । |
| ୧୧. | ଯଦି ଜୀବ ପକ୍ଷୀ କିମ୍ବା ସ୍ତନ୍ୟପାୟୀ ପ୍ରାଣୀ – ତାହାର ଖାଦ୍ୟାଭ୍ୟାସ କଣ ? |
| ୧୨. | ଆପଣଙ୍କ ଅଞ୍ଚଳରେ ଏହି ଜୀବକୁ ନେଇ କୌଣସି ସାଂସ୍କୃତିକ କିମ୍ବା ଐତିହାସିକ ମହତ୍ତ୍ୱ ଅଛି କି ? |
| ୧୩. | ଜୀବ ବିଷୟରେ କିଛି ପାରମ୍ପରିକ ଜ୍ଞାନ ସଂଗ୍ରହ କରନ୍ତୁ । |
| ୧୪. | ଏହି ଜୀବ ଗୁଡିକର କିପରି ସଂରକ୍ଷଣ କରାଯାଇପାରିବ ସେଥି ପାଇଁ କିଛି ଉପାୟ ଲେଖନ୍ତୁ । |
| ୧୫. | ଜୀବଗୁଡିକର କିପରି ସଂରକ୍ଷଣ କରାଯାଇପାରିବ ସେଥିପାଇଁ କିଛି ଉପାୟ ଲେଖନ୍ତୁ । |
| ୧୬. | ଏହି ଜୀବର ସଂରକ୍ଷଣ କ୍ଷେତ୍ରରେ ଆପଣ କିପରି ଯୋଗଦାନ କରିପାରିବେ ? |
| ୧୬. | ଏହି ଜୀବର ଓ ବସାର କିଛି ଚିତ୍ର ଅଙ୍କନ କରନ୍ତୁ । |
| ଉପସଂହାର | ଏହି ଜୀବ ବିଷୟରେ କଣ ଶିଖିଲ ଓ ଜାଣିବାକୁ ପାଇଲ ସେ ସମ୍ବନ୍ଧରେ ସଂକ୍ଷିପ୍ତରେ ଲେଖ । |

ଜୈବ ବିବିଧତା ପ୍ରକଳ୍ପ ପାଇଁ ଶିକ୍ଷାର୍ଥୀ ମାନେ ଉପରୋକ୍ତ ଫର୍ମାଟରେ ତଥ୍ୟ ସଂଗ୍ରହ କରି ୮୦୦ ରୁ ୧୦୦୦ ଶବ୍ଦ ମଧ୍ୟରେ ବର୍ଷ ଶେଷରେ (ବାର୍ଷିକ ପରୀକ୍ଷା ପୂର୍ବରୁ) ଦାଖଲ କରିବେ ।

| ଅଧିବେଶନ-୩ | ଅଧିବେଶନ କୋଡ୍ | ଅବଧି |
|---|---|---|
| **ସ୍ତନ୍ୟପାୟୀ ପ୍ରାଣୀଙ୍କ ବିଶେଷତ୍ୱ ଓ ଖାଦ୍ୟାଭ୍ୟାସ** | ୦୦୩ | ୪୫ ମିନିଟ୍ |

## ପୂର୍ବ ପାଠର ପୁନରାବୃତ୍ତି — ୫ ମିନିଟ୍

ଶିକ୍ଷକ ପୂର୍ବ ଅଧିବେଶନ ସମ୍ପର୍କରେ ଆଲୋଚନା କରିବେ ଏବଂ ଶ୍ରେଣୀରେ ସ୍ମାର୍ଟ ବୋର୍ଡ ବା ପ୍ରୋଜେକ୍ଟରରେ ପିଲାମାନଙ୍କୁ ଦେଖାଇବେ ।

## ଉଦ୍ଦେଶ୍ୟ

- ପିଲାମାନେ ସ୍ତନ୍ୟପ୍ରାୟୀ ପ୍ରାଣୀର ବିଶେଷତ୍ୱ, ଖାଦ୍ୟାଭ୍ୟାସ ବିଷୟରେ ଜାଣିବେ ।
- ସ୍ତନ୍ୟପାୟୀ ପ୍ରାଣୀ ସମ୍ବନ୍ଧରେ ଅଧିକ ଜ୍ଞାନ ଆହରଣ କରିବେ ।

## ସ୍ତନ୍ୟପାୟୀ ପ୍ରାଣୀଙ୍କ ବିଶେଷତ୍ୱ ଓ ଖାଦ୍ୟାଭ୍ୟାସ

### ଆବଶ୍ୟକ ଉପକରଣ

- ସ୍ତନ୍ୟପ୍ରାୟୀ ପ୍ରାଣୀଙ୍କ ଚିତ୍ର ଓ ଭିଡିଓ
- କାଗଜ, କଲର ସ୍କେଚ୍ ପେନ୍

### ପୂର୍ବ ପ୍ରସ୍ତୁତି

- ଶିକ୍ଷକ ସ୍ମାର୍ଟ ବୋର୍ଡ ବା ପ୍ରୋଜେକ୍ଟରରେ ବାଦୁଡ଼ି, ତିମି, ଚିତା, ବାଘ, ପ୍ଲାଟିପସ, ହାତୀ, ମଣିଷର ଚିତ୍ର ଦେଖାଇବା ପାଇଁ ତଥ୍ୟ ସଂଗ୍ରହ କରିବେ ।

## ଶିକ୍ଷକଙ୍କ ପାଇଁ ସୂଚନା

(କ) (କ) କିଛି ସ୍ତନ୍ୟପାୟୀ ଅଣ୍ଡା ଦେଇଥାନ୍ତି । କିନ୍ତୁ ଅଣ୍ଡାରୁ ଛୁଆ ବାହାରିଲା ପରେ ସ୍ତନ୍ୟପାନ କରାନ୍ତି ।

ଉଦାହରଣ- ପ୍ଲାଟିପସ୍, ବାଦୁଡ଼ି

(ଖ) ମସ୍ତିଷ୍କ ଓ ଜ୍ଞାନେନ୍ଦ୍ରିୟ ଉନ୍ନତ

(ଗ) ଶରୀର ଲୋମ ଯୁକ୍ତ

(ଘ) ରକ୍ତ ସଞ୍ଚାଳନ, ରେଚନ ତନ୍ତ୍ର ବେଶ୍ ଉନ୍ନତ ଧରଣର

**ଉପରୋକ୍ତ ସମସ୍ତ ପ୍ରାଣୀ ସମ୍ବନ୍ଧୀୟ ତଥ୍ୟ ଶିକ୍ଷକ ସଂଗ୍ରହ କରିବେ ଏବଂ ଏହାକୁ ପିଲାମାନଙ୍କୁ ଶ୍ରେଣୀରେ ବୁଝାଇବେ ।**

**ସୂଚନା –**

୧. ଶିକ୍ଷକ ପିଲାମାନଙ୍କୁ ନିଜ ଚାରିପାଖରେ ଥିବା ବିଭିନ୍ନ ସ୍ତନ୍ୟପାୟୀ ପ୍ରାଣୀଙ୍କୁ ଚିହ୍ନାଇବେ ଓ ତାର ଏକ ସାରଣୀ ପ୍ରସ୍ତୁତ କରିବା ପାଇଁ କହିବେ ।

୨. ପାଖରେ ଥିବା ଚିଡ଼ିଆଖାନାକୁ ବୁଲେଇବାକୁ ନେବା କିମ୍ବା ସ୍ତନ୍ୟପାୟୀ ପ୍ରାଣୀର ଭିଡିଓ ଦେଖାଇବେ

୩. କିଛି ଚିତ୍ର ଅଙ୍କନ କରି ୨ ରୁ ୩ ବାକ୍ୟରେ ବିଶେଷତ୍ୱ ଲେଖିବା ପାଇଁ କହିବେ ।

୪. ଓଡିଶାର ସ୍ଥାନୀୟ ସ୍ତନ୍ୟପାୟୀ ପ୍ରାଣୀମାନଙ୍କ ନାମ ଲେଖିବାକୁ ଦେବେ ।

୫. ସ୍ତନ୍ୟପାୟୀ ପ୍ରାଣୀ ଓ ଅନ୍ୟ ପ୍ରାଣୀଙ୍କ ମଧ୍ୟରେ ପ୍ରଭେଦ ବୁଝାଇବେ ଏବଂ କିଛି ଉଦାହରଣ ଦେବେ ।

## ଛାତ୍ରଛାତ୍ରୀଙ୍କ ପାଇଁ ପ୍ରଶ୍ନ

(କ) ଓଡିଶାର ୨ ଟି ସ୍ତନ୍ୟପାୟୀ ପ୍ରାଣୀର ନାମ ଲେଖ

(ଖ) କେଉଁ ସ୍ତନ୍ୟପାୟୀ ପ୍ରାଣୀ ଅଣ୍ଡା ଦେଇ ଥାଏ ।

(ଗ) ସ୍ତନ୍ୟପାୟୀ ପ୍ରଣୀମାନେ ଅନ୍ୟ ପ୍ରାଣୀଙ୍କ ଠାରୁ କିପରି ଭିନ୍ନ

(ଘ) ସବୁଠାରୁ ବଡ଼ ସ୍ତନ୍ୟପାୟୀ ପ୍ରାଣୀ କିଏ

## ଗୃହ କାର୍ଯ୍ୟ

- ଦୁଇଟି ସ୍ତନ୍ୟପାୟୀ ପ୍ରାଣୀର ଚିତ୍ର ଅଙ୍କନ କରି ଆଣିବେ । ଘରେ କେଉଁ ସ୍ତନ୍ୟପାୟୀ ପ୍ରାଣୀ ଅଛନ୍ତି ସେ ସମ୍ବନ୍ଧରେ ଅନୁଧ୍ୟାନ କରି କହିବେ ।

| ଅଧିବେଶନ-୪ | ଅଧିବେଶନ କୋଡ୍ | ଅବଧି |
|---|---|---|
| **ମାଛର ଗଠନ ପ୍ରଣାଳୀ ଓ ଉପଯୋଗିତା** | ୦୦୪ | ୪୫ ମିନିଟ୍ |

## ପୂର୍ବ ଜ୍ଞାନର ପୁନରାବୃତ୍ତି — ୫ ମିନିଟ୍

ସପ୍ତମ ଶ୍ରେଣୀର ମାଛର ଉପଯୋଜନ ବିଷୟରେ ଶିକ୍ଷକ ଶ୍ରେଣୀରେ ଛାତ୍ରଛାତ୍ରୀଙ୍କ ସହ ଆଲୋଚନା କରିବେ।

## ଉଦ୍ଦେଶ୍ୟ

୧. ବିଭିନ୍ନ ପ୍ରକାର ମାଛ ମାନଙ୍କର ବାହ୍ୟ ଗଠନ ବିଷୟରେ ଅଧ୍ୟୟନ କରିବେ।
୨. ଶରୀରର ବାହ୍ୟ ଭାଗରେ ଥିବା ବିଭିନ୍ନ ଅଂଶ ମାନଙ୍କର ନାମାଙ୍କନ କରିବେ।
୩. ସେମାନଙ୍କ ମଧ୍ୟରେ ଥିବା ପାର୍ଥକ୍ୟ ଓ ସାମଞ୍ଜସ୍ୟର ବିଶ୍ଳେଷଣ କରିବେ।
୪. ମାଛର ଉପଯୋଗିତା ଜାଣି ମାଛ ଚାଷ ପାଇଁ ଆଗ୍ରହ ସୃଷ୍ଟି କରିବେ।
୫. ସଂଗୃହୀତ ଜ୍ଞାନରୁ ମାଛମାନଙ୍କର ଖାଦ୍ୟ ସଂଗ୍ରହ ପ୍ରଣାଳୀ ଓ ଭିନ୍ନତା ବିଷୟରେ ଜାଣିବେ।

## ବିଭିନ୍ନ ପ୍ରକାରର ମାଛକୁ ଚିହ୍ନିବା

### ଆବଶ୍ୟକ ଉପକରଣ

- ବିଭିନ୍ନ ମାଛ ଚିତ୍ର ଓ ଭିଡିଓ
- ବଲ୍
- କାଗଜ, ପେନ୍‌ସିଲ୍, ସ୍କେଚ୍ ପେନ୍

### ପୂର୍ବ ପ୍ରସ୍ତୁତି

- ଶିକ୍ଷକ କିଛି ଭିଡିଓ ଓ ଚିତ୍ର ମାଛ ଉପରେ ସ୍ମାର୍ଟବୋର୍ଡ୍ / ପ୍ରଜେକ୍ଟରରେ ଦେଖାଇବା ପାଇଁ ପ୍ରସ୍ତୁତ ହେବେ।

### ଶିକ୍ଷକଙ୍କ ପାଇଁ ସୂଚନା

- ଶିକ୍ଷକ ପିଲାମାନଙ୍କୁ ଗୋଲାକାରରେ ଛିଡ଼ା କରିବେ। ମଝିରେ ଜଣଙ୍କୁ ଛିଡ଼ା କରି ତାଙ୍କ ହାତରେ ବଲଟିଏ ଦେବେ। ସେ ସ୍ୱଇଛାରେ ଜଣଙ୍କ ପାଖକୁ ବଲ ପକେଇବେ।
- ଯାହା ପାଖକୁ ବଲ୍‌ଟି ଯିବ ସେ ଗୋଟେ ମାଛର ନାଁ କହିବେ। ମାଛର ନାମ ପୁନରାବୃତ୍ତି ହେବ ନାହିଁ। ଏହିପରି ଭାବେ ପିଲା ଜାଣିଥିବା ବିଭିନ୍ନ ମାଛ ମାନଙ୍କର ନାମ ସଂଗ୍ରହ କରିବେ।

**୧ମ ଦଳ**   **୨ୟ ଦଳ**   **୩ୟ ଦଳ**

- ପିଲାମାନଙ୍କୁ ୩ଟି ଦଳରେ ବିଭକ୍ତ କରନ୍ତୁ। ପ୍ରତ୍ୟେକ ଦଳରୁ ଏକ ଦଳପତି ବାଛନ୍ତୁ।

| ମଧୁର ଜଳରେ ବାସ କରୁଥିବା ମାଛର ନାମ | ଲୁଣି ଜଳ ବା ସମୁଦ୍ରରେ ବାସ କରୁଥିବା ମାଛର ନାମ | ମାଛର ଖାଦ୍ୟ କ'ଣ ? |
|---|---|---|
| ୧. | ୧. | ୧. |
| ୨. | ୨. | ୨. |
| ୩. | ୩. | ୩. |
| ୪. | ୪. | ୪. |
| ୫. | ୫. | ୫. |

## ଶିକ୍ଷକମାନଙ୍କ ପାଇଁ ଓ ବିଭିନ୍ନ ଦଳ ପାଇଁ

**ଦଳ ୧** – ମଧୁର ଜଳରେ ବାସ କରୁଥିବା ମାଛମାନଙ୍କର (ସଂଗୃହୀତ ବା ଚିତ୍ର ଦେଖି) ଶାରୀରିକ ଗଠନ ବିଷୟରେ କୁହ ।

**ଦଳ ୨** – ସାମୁଦ୍ରିକ ଜଳରେ ବାସ କରୁଥିବା ମାଛମାନଙ୍କର (ସ୍ମାର୍ଟ ବୋର୍ଡ ବା ପ୍ରଜେକ୍ଟର ଦେଖି) ଶାରୀରିକ ଗଠନ ବିଷୟରେ କୁହ ।

**ଦଳ ୩** – ଦୁଇ ପ୍ରକାର ମାଛ ମାନଙ୍କର ଶାରୀରିକ ଗଠନ ମଧ୍ୟରେ ପାର୍ଥକ୍ୟ କ'ଣ ଅଛି କୁହ ?

## ବିବରଣୀ ପ୍ରସ୍ତୁତି

**ଦଳ ୧** – ମାଛ ଆମମାନଙ୍କ ପାଇଁ କାହିଁକି ଉପଯୋଗୀ, ଏକ ବିବରଣୀ ପ୍ରସ୍ତୁତ କର ।

**ଦଳ ୨** – ମାଛ ଚାଷ କରିବା ପାଇଁ କେଉଁମାନଙ୍କ ଆଗ୍ରହ ଅଛି ? ମାଛ ଚାଷ କେମିତି ହୁଏ ଏକ ବିବରଣୀ ପ୍ରସ୍ତୁତ କର ।

**ଦଳ ୩** – ନିଜର ମତ ସହ ଗାଁରେ ଥିବା ମାଛ ଚାଷୀଙ୍କ ସହ କଥା ହୋଇ ମାଛ ଚାଷ ବିଷୟରେ ଏକ ବିସ୍ତୃତ ବିବରଣୀ ପ୍ରସ୍ତୁତ କର ।

## ମାନ ନିର୍ଦ୍ଧାରଣ

୧. କେଉଁଟି ଅଲଗା ବାଛ ?

(କ) ରୋହି (ଖ) ଭାକୁର (ଗ) ଟରପେଡୋ (ଘ) ଶେଉଳ

୨. କେଉଁ ଅଂଶଟି ମାଛର ନୁହେଁ ?

(କ) କାତି (ଖ) ଗାଲି (ଗ) କାନ (ଘ) ଡେଣା

୩. ଏମାନଙ୍କ ମଧ୍ୟରୁ କେଉଁଟି ଲୁଣି ଜଳରେ ରହୁଥିବା ମାଛ ମାନଙ୍କରେ ମିଳିଥାଏ ?

(କ) Plackoid କାତି (ଖ) Cycloid କାତି (ଗ) Tinoid କାତି (ଘ) ଉପରୋକ୍ତ ସମସ୍ତ

୪. ଓଡିଶାରେ କେଉଁ ପ୍ରକାର ମାଛ ସବୁଠାରୁ ଅଧିକ ଚାଷ କରାଯାଏ ?

(କ) ଟରପେଡୋ (ଖ)ଗଡ଼ିଶା (ଗ) ରୋହି (ଘ) ସମୁଦ୍ର ଘୋଡ଼ା

## ଗୃହ କାର୍ଯ୍ୟ

- ୩ଟି ଲେଖାଏଁ ମଧୁର ମାଛ ଓ ଲୁଣି ମାଛର ଚିତ୍ର ଅଙ୍କନ କରି ଆଣିବେ

| ଅଧିବେଶନ-୫ | ଅଧିବେଶନ କୋଡ୍ | ଅବଧି |
|---|---|---|
| ମାଟିର ପ୍ରକାର ଭେଦ ଓ ସେଥିରୁ ଉତ୍ପନ୍ନ ହେଉଥିବା ଫସଲ | ୦୦୫ | ୪୫ ମିନିଟ୍ |

## ପୂର୍ବ ଜ୍ଞାନର ପୁନରାବୃତ୍ତି

୫ ମିନିଟ୍

ଶିକ୍ଷକ ମାଟିର ଗଠନ ଓ ସୃଷ୍ଟି ବିଷୟରେ କହିବେ ।

## ଉଦ୍ଦେଶ୍ୟ

ଶିକ୍ଷାର୍ଥୀମାନେ

- ମାଟିର ଉପାଦାନର ଅନୁପାତ ଓ ଧର୍ମ ଅନୁସାରେ ମାଟିର ପ୍ରକାର ବୁଝାଇବେ
- ବିଭିନ୍ନ ପ୍ରକାର ମାଟିର ବିଶେଷତ୍ୱ କହିବେ
- ମାଟିର ପ୍ରକାର ଆଧାରରେ ଉତ୍ପନ୍ନ ହେଉଥିବା ଫସଲର ତାଲିକା କହିବେ ।

**ସକ୍ରିୟାତ୍ମକ କାର୍ଯ୍ୟ :** ଶିକ୍ଷାର୍ଥୀମାନଙ୍କୁ ଆଜିର ଶିକ୍ଷାଦାନ ଓ ଶିକ୍ଷଣ ପ୍ରତି ଆକୃଷ୍ଟ କରିବା ପାଇଁ ଶିକ୍ଷକ ଶିକ୍ଷାର୍ଥୀମାନଙ୍କୁ ଗୋଲେଇରେ ଛିଡ଼ା କରାଇବେ । ମାଟି ଆମର ମା'ଟି ପଦଟିକୁ ସମସ୍ତେ ଏକତ୍ର ଗାଇବା ସହ ଶିକ୍ଷକ ଯାହାକୁ ନିର୍ଦ୍ଦେଶ ଦେବେ (ବଲ୍ ପକାଇବେ) ସେ ମାଟିର ଗୋଟିଏ ବ୍ୟବହାର କହିବେ । ନ କହି ପାରିଲେ ମଝିକୁ ଆସି ସେ ଖେଳାଇବେ । ଏହି ପରି ୫ ରୁ ୭ ମିନିଟ୍ ଖେଳ ଚାଲିବ ।

## ପୂର୍ବ ପ୍ରସ୍ତୁତି

ଶିକ୍ଷକ କାର୍ଯ୍ୟଫର୍ଦ୍ଦରେ ଦିଆଯାଇଥିବା ପ୍ରଶ୍ନଗୁଡ଼ିକୁ ଭିତ୍ତି କରି ୬ ପ୍ରକାର ମାଟି ବିଷୟରେ ଅନୁଚ୍ଛେଦ ପ୍ରସ୍ତୁତ କରିବେ ।

## ପ୍ରାରମ୍ଭିକ ଶିକ୍ଷଣ କାର୍ଯ୍ୟ

୧. ଶିକ୍ଷକ ଶିକ୍ଷାର୍ଥୀମାନଙ୍କୁ 'U' ଆକାରରେ ବସାଇବେ । ନିଜେ ଆଗରେ ରହି ଆଲୋଚନା କରିବେ । ମଝିରେ ମଝିରେ ଶିକ୍ଷାର୍ଥୀମାନଙ୍କୁ ନିଜସ୍ୱ ପ୍ରସ୍ତୁତ କିଛି ଫଟୋ ଦେଖାଇବା ସହ ଆଲୋଚନା ଭିତ୍ତିକ ପ୍ରଶ୍ନ ପଚାରିବେ । ଯେପରି-

- ଶିଳାର ଉପାଦନ ଅନୁସାରେ ମାଟିର ପ୍ରକାର
- ମାଟିର ଉପାଦାନ ଆଧାରରେ ଫସଲ ଉତ୍ପନ୍ନ
- ମାଟି ଭିତରେ ବାୟୁ ଚଳାଚଳକୁ ନେଇ ମାଟିର ପ୍ରକାର ଇତ୍ୟାଦି
- ମାଟିର ବିଭିନ୍ନ ଉପାଦାନର ସ୍ତର ଚିତ୍ର ଓ ମୃତିକା ସ୍ତର ଚିତ୍ର ଦର୍ଶାଯାଇପାରେ ।

୨. ଶିକ୍ଷକ ପଟୁମାଟି କଳାମାଟି, ଲାଲମାଟି, ମାଙ୍କଡ଼ା ମାଟି, ମରୁ ମାଟି ଓ ପାହାଡ଼ିଆ ମାଟି ଅଲଗା ଅଲଗା କାଗଜରେ ଲେଖି ଶିକ୍ଷଣ ସାମଗ୍ରୀ ରୂପେ ବ୍ୟବହାର କରିବେ । ଶିକ୍ଷାର୍ଥୀମାନଙ୍କୁ ୬ ଟି ଦଳରେ ବିଭକ୍ତ କରି ପ୍ରଥମ ଦଳକୁ ପଟୁମାଟି, ଦ୍ୱିତୀୟ ଦଳକୁ କଳାମାଟି, ୩ୟ ଦଳକୁ ଲାଲ ମାଟି, ୪ର୍ଥ ଦଳକୁ ମାଙ୍କଡ଼ା ମାଟି, ୫ମ ଦଳକୁ ପାହାଡ଼ିଆ ମାଟି ଓ ୬ଷ୍ଠ ଦଳକୁ ମରୁମାଟି ଲେଖାଥିବା ଅନୁଚ୍ଛେଦକୁ ଦେଇ ଦଳରେ ଆଲୋଚନା କରିବାକୁ କହିବେ ।

ନିମ୍ନଲିଖିତ ପ୍ରଶ୍ନ ପିଲାମାନେ ପଚରାପଚାରି ହେବେ ।

**କାର୍ଯ୍ୟଫର୍ଦ୍ଦ**

**ଦଳ-୧** **ପଟୁମାଟି**

୧. ଉପତ୍ୟକା କହିଲେ କ'ଣ ?
୨. ଏହି ମାଟି ଅଧିକ ଉର୍ବର କାହିଁକି ?
୩. ଏହା କେଉଁ ରାଜ୍ୟରେ ଦେଖାଯାଏ ?

**କାର୍ଯ୍ୟଫର୍ଦ୍ଦ**

**ଦଳ-୨** **କଳାମାଟି**

୧. କଳାମାଟି କେଉଁଥିରୁ ସୃଷ୍ଟି ହୁଏ ?
୨. ଏହି ମାଟିରେ କେଉଁ କେଉଁ ଲବଣ ଥାଏ ?
୩. ଏହା କେଉଁ ଚାଷ ପାଇଁ ଉପଯୋଗୀ ?

**କାର୍ଯ୍ୟଫର୍ଦ୍ଦ**

**ଦଳ-୩** **ଲାଲମାଟି**

୧. ଲାଲମାଟିର ରଙ୍ଗ ଲାଲ କାହିଁକି ?
୨. ଏହି ମାଟିରେ କେଉଁ କେଉଁ ଲବଣ ଥାଏ ?
୩. ଏହି ମାଟିରେ ଫସଲ ଭଲ ହୁଏ କି ?

**କାର୍ଯ୍ୟଫର୍ଦ୍ଦ**

**ଦଳ-୪** **ମାଙ୍କଡ଼ାମାଟି**

୧. ମାଙ୍କଡ଼ା ମାଟିରେ କ'ଣ କ'ଣ ମିଶି ରହିଥାଏ ?
୨. ଏହା ଓଡ଼ିଶାରେ କେଉଁ ଅଞ୍ଚଳରେ ଦେଖାଯାଏ ?
୩. ଏହା କେଉଁ ପ୍ରକାରର, ଉର୍ବର ନା ଅନୁର୍ବର ?

**କାର୍ଯ୍ୟଫର୍ଦ୍ଦ**

**ଦଳ-୫** **ପାହାଡିଆମାଟି**

୧. ଏହି ମାଟି କେଉଁଠି ମିଳେ ?
୨. ଏହା ଉର୍ବର ନା ଅନୁର୍ବର ?
୩. ଏହି ମାଟିରେ ଚାଷ କରାଯାଏ କି ?

**କାର୍ଯ୍ୟଫର୍ଦ୍ଦ**

**ଦଳ-୬** **ମରୁମାଟି**

୧. ଏହା ଚାଷ ଉପଯୋଗୀ ନୁହେଁ କାହିଁକି ?
୨. ଭାରତର କେଉଁ ସ୍ଥାନରେ ଏହା ଦେଖାଯାଏ ?
୩. ଏହି ମାଟିରେ କଣ କଣ ଥାଏ ଓ କଣ ନଥାଏ ?

## ଦୃଢ଼ୀକରଣ କାର୍ଯ୍ୟ

ପ୍ରତ୍ୟେକ ଦଳକୁ ନିମ୍ନ କାର୍ଯ୍ୟ ଫର୍ଦ୍ଦ ଦିଆଯିବ । ସେଥିରେ ଭୁଲ ତଥ୍ୟକୁ ସଂଶୋଧନ କରିବା ପରେ ଦଳ ଅଦଳବଦଳ କରି ସଂଶୋଧନ କରାଯିବ । ଆବଶ୍ୟକ ସ୍ଥଳେ ଶିକ୍ଷକ ସଂଶୋଧନ କରିବେ ।

ପଟୁ ମାଟିରେ କାଦୁଅ ଓ ଗୋଡି ମିଶି ରହିଥାଏ । ରାଜସ୍ଥାନରେ ମାଙ୍କଡାମାଟି ଅଧିକ ଦେଖିବାକୁ ମିଳେ । କପା ଚାଷ ପାଇଁ ଲାଲମାଟି ଆବଶ୍ୟକ । କଳାମାଟିରେ ଅଧିକ ପରିମାଣର ମାଙ୍ଗାନିଜ ଲବଣ ଥାଏ । ପାହାଡିଆ ମାଟିରେ ଜୈବ ପଦାର୍ଥ ଅଧିକ ଥାଏ । ମରୁମାଟି ଉର୍ବର ହୋଇଥିବାରୁ ଏହା ଚାଷ ଉପଯୋଗୀ ।

## ଆମେ କ'ଣ ଶିଖିଲେ

**୧. ଶୂନ୍ୟସ୍ଥାନ ପୂରଣ କର**

(କ) କାଦୁଅ, ବାଲି ଓ ....................ମିଶି ମଟାଳ ମାଟିର ସୃଷ୍ଟି

(ଖ) ମାଟିରେ ସୂକ୍ଷ୍ମ କଣିକା ଅଧିକ ରହିଲେ.....................ମାଟି ସୃଷ୍ଟି ହୋଇଥାଏ ।

(ଗ) ଧାନ ଫସଲ ପାଇଁ ..................ମାଟି ଆବଶ୍ୟକ ।

(ଘ) ଲବଣ ଉପାଦାନ ଥିବା ମାଟିର ନାମ..................

୨. ‘କ’ ସ୍ତମ୍ଭର ମାଟିର ଧର୍ମ ‘ଖ’ ସ୍ତମ୍ଭର ମାଟିର ପ୍ରକାରକୁ ନେଇ ସମ୍ପର୍କ ସ୍ଥାପନ କର ।

| ‘କ’ ସ୍ତମ୍ଭ | ‘ଖ’ ସ୍ତମ୍ଭ |
|---|---|
| କପାଚାଷ ପାଇଁ ଉପଯୋଗୀ | ମରୁ ମାଟି |
| ଭୁବନେଶ୍ୱରରେ ଦେଖାଯାଉଥିବା ମାଟି | ପାହାଡ଼ିଆ ମାଟି |
| ରାଜସ୍ଥାନରେ ଦେଖାଯାଉଥିବା ମାଟି | ପଟୁ ମାଟି |
| ଜୈବ ପଦାର୍ଥ ଅଧିକ ଥିବା ମାଟି | ମାଙ୍କଡ଼ା ମାଟି |
| ଆଗ୍ନେୟଶିଳାରୁ ସୃଷ୍ଟି ମାଟି | କଳା ମାଟି |
| ଉପତ୍ୟାକା ଭାବେ ସୃଷ୍ଟି ହେଉଥିବା ମାଟି | ଲାଲ ମାଟି |

## ଗୃହ କାର୍ଯ୍ୟ

ତୁମ ଅଞ୍ଚଳରେ ଥିବା ମାଟି ଓ ସେଥିରେ ହେଉଥିବା ଫସଲର ଏକ ତାଲିକା ପ୍ରସ୍ତୁତ କରି ଆଣ ।

| ଅଧିବେଶନ-୬ | ଅଧିବେଶନ କୋଡ୍ | ଅବଧି |
| --- | --- | --- |
| **ଆସ ଆମ ବରଗଛକୁ ଜାଣିବା** | ୦୦୬ | ୪୫ ମିନିଟ୍ |

## ପୂର୍ବ ପାଠର ପୁନରାବୃତ୍ତି — ୫ ମିନିଟ୍

ଶିକ୍ଷକ ପୂର୍ବ ଅଧିବେଶନରେ ଯାହା ପଢାଇଛନ୍ତି ସେ ସମ୍ପର୍କରେ ସମ୍ୟକ ଆଲୋଚନା କରିବେ।

## ଉଦ୍ଦେଶ୍ୟ

୧. ବରଗଛ ଏକ ପରିସଂସ୍ଥା ବୋଲି ଜାଣିବେ।

୨. ଏହାର ବିଭିନ୍ନ ଉପଯୋଗିତା ବିଷୟରେ ଜାଣିବେ।

୩. ଏହାର ବିଭିନ୍ନ ଅଂଶକୁ ଚିହ୍ନିବେ।

## ଆସ ଆମ ବରଗଛକୁ ଜାଣିବା

### ଆବଶ୍ୟକ ଉପକରଣ

- ବରଗଛର ନମୁନା ଚିତ୍ର (ସ୍ମାର୍ଟ ବୋର୍ଡ / ପ୍ରୋଜେକ୍ଟରରେ ଦେଖାଇବେ)
- କାଗଜ, କଲମ

### ପୂର୍ବ ପ୍ରସ୍ତୁତି

- ଶିକ୍ଷକ ବରଗଛ ସମ୍ବନ୍ଧୀୟ ସବିଶେଷ ସୂଚନା ଏବଂ ନମୁନା ଚିତ୍ର ସଂଗ୍ରହ କରିବେ।

## ମୁଖ୍ୟ କାର୍ଯ୍ୟ

- ଶିକ୍ଷକ ସ୍ମାର୍ଟ ବୋର୍ଡ/ପ୍ରୋଜେକ୍ଟରରେ ବରଗଛର ନମୁନା ଚିତ୍ର ଶୀକ୍ଷାର୍ଥୀମାନଙ୍କୁ ଦେଖାଇବେ ( ଯଦି ସମ୍ଭବ ହୁଏ, ନିକଟସ୍ଥ ବରଗଛ ପାଖକୁ ନେଇଯିବେ )।
- ଏହା ପରେ ବରଗଛର ବିଭିନ୍ନ ଅଂଶ ଓ ତାର ଉପକାରିତା ବିଷୟରେ ସୂଚନା ଦେବେ।

**ଉଦାହରଣ ସ୍ୱରୂପ -**

- ବରଗଛ ଓହଳ- ଏହା ବରଗଛକୁ ବଞ୍ଚାଇ ରଖିବାରେ ସାହାଯ୍ୟ କରିଥାଏ।
- ବରଗଛ ଉପରେ କେଉଁ କେଉଁ ଜୀବ (ଉଦ୍ଭିଦ ଓ ପ୍ରାଣୀ)ମାନେ ନିର୍ଭରଶୀଳ, ସେ ବିଷୟରେ ଶିକ୍ଷକ ଶିକ୍ଷାର୍ଥୀଙ୍କ ସହିତ ଆଲୋଚନା କରିବେ। ବରଗଛକୁ ଭାରତର ଜାତୀୟ ବୃକ୍ଷର ମାନ୍ୟତା ମିଳିଛି। ସାଧାରଣତଃ ବରଗଛଗୁଡ଼ିକ ୨୦୦ ରୁ ୫୦୦ ବର୍ଷ ପର୍ଯ୍ୟନ୍ତ ବଞ୍ଚିଥାନ୍ତି। କଲିକତା ବୋଟାନିକାଲ ଗାର୍ଡେନରେ ଥିବା ବଟବୃକ୍ଷ ୨୦୦ ବର୍ଷରୁ ଅଧିକ ବର୍ଷ ବଞ୍ଚିସାରିଲାଣି।
- ଏହି ଗଛ ବିଭିନ୍ନ ଉଦ୍ଭିଦ ଓ ପ୍ରାଣୀମାନଙ୍କ ପାଇଁ ଆଶ୍ରୟ ଏବଂ ଖାଦ୍ୟ ଯୋଗାଉଥିବାରୁ ଏହାକୁ ଏକ ଗୁରୁତ୍ୱପୂର୍ଣ୍ଣ ଉଦ୍ଭିଦ ଭାବରେ ବିବେଚନା କରାଯାଏ। ଯାହାର ଉପସ୍ଥିତି ଓ ଅନୁପସ୍ଥିତି ଅନ୍ୟ ଜୀବର ଅସ୍ତିତ୍ୱ ଉପରେ ପ୍ରଭାବ ପକାଇପାରେ।
- ବରଗଛର ପ୍ରରାଗଣ ଏବଂ ପ୍ରଜନନରେ ବିରୁଡ଼ି ତଥା ମହୁମାଛି ମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାନ୍ତି।

## ଗୃହ କାର୍ଯ୍ୟ

ଏହାପରେ ଶିକ୍ଷକ ଶିକ୍ଷାର୍ଥୀଙ୍କୁ ୪ ଟି ଦଳରେ ବିଭକ୍ତ କରି ପ୍ରତ୍ୟେକ ଦଳକୁ ନିମ୍ନଲିଖିତ ଗୃହକାର୍ଯ୍ୟ ପ୍ରଦାନ କରିବେ।

**ଦଳ - ୧**

- ବରଗଛର ବିଭିନ୍ନ ଅଂଶର ଉପକାରିତା ବିଷୟରେ ତଥ୍ୟ ସଂଗ୍ରହ କରି ତାକୁ ଲିପିବଦ୍ଧ କରିବେ ଓ ଶିକ୍ଷକଙ୍କ ନିକଟରେ ଦାଖଲ କରିବେ।

**ଦଳ – ୨**

- ପ୍ରାଣୀମାନେ କେଉଁଭଳି ଭାବରେ ବରଗଛ ଉପରେ ନିର୍ଭରଶୀଳ ସେ ବିଷୟରେ ତଥ୍ୟ ସଂଗ୍ରହ କରି ତାକୁ ଲିପିବଦ୍ଧ କରିବେ ଓ ଶିକ୍ଷକଙ୍କ ନିକଟରେ ଜମା କରିବେ।

**ଦଳ- ୩**

- ବରଗଛର ପରାଗଣ ସମ୍ବନ୍ଧରେ ଲେଖି ଶିକ୍ଷକଙ୍କ ନିକଟରେ ଜମା ଦେବେ।

**ଦଳ -୪**

- ବରଗଛର ଐତିହାସିକ ଗୁରୁତ୍ୱ ବିଷୟରେ ତଥ୍ୟ ସଂଗ୍ରହ କରି ଶିକ୍ଷକଙ୍କ ନିକଟରେ ଉପସ୍ଥାପନ କରିବେ।

| ଅଧିବେଶନ-୭ | ଅଧିବେଶନ କୋଡ୍ | ଅବଧି |
|---|---|---|
| **ଫୁଲର ବିଭିନ୍ନ ଅଂଶ** | ୦୦୭ | ୪୫ ମିନିଟ୍ |

## ପୂର୍ବ ପାଠର ପୁନରାବୃତ୍ତି — ୫ ମିନିଟ୍

ଅପୁଷ୍ପକ ଓ ସପୁଷ୍ପକ ଉଦ୍ଭିଦ କାହାକୁ କୁହାଯାଏ, ଏ ସମ୍ପର୍କରେ ଆଲୋଚନା କରିବେ।

## ଉଦ୍ଦେଶ୍ୟ

୧. ଫୁଲର ବିଭିନ୍ନ ଅଂଶକୁ ଚିହ୍ନିବେ ଓ ତାର ନାମ କହିବେ।
୨. ଏକ ଲିଙ୍ଗୀ ଓ ଉଭୟ ଲିଙ୍ଗୀ ଫୁଲକୁ ଚିହ୍ନିବେ।
୩. ବିଭିନ୍ନ ଋତୁରେ ମିଳୁଥିବା ଫୁଲଗୁଡ଼ିକର ନାମ କହିବେ।

## ଫୁଲର ବିଭିନ୍ନ ଅଂଶ ଚିହ୍ନିବା

### ଆବଶ୍ୟକ ଉପକରଣ

- ବିଭିନ୍ନ ଫୁଲ
- ଛୁରି, ଫୋର୍‌ସେପ୍, ଯବକାଚ, କାଚସ୍ଲାଇଡ୍
- କାଗଜ, କଲମ

### ପୂର୍ବ ପ୍ରସ୍ତୁତି

- ଶିକ୍ଷକ ବିଭିନ୍ନ ପ୍ରକାର ଫୁଲ ସଂଗ୍ରହ କରିଥିବେ କିମ୍ବା ପିଲାମାନଙ୍କୁ କହିଥିବେ ଫୁଲ ସଂଗ୍ରହ କରି ଆଣିବେ।

## ଆସ ମିଳିମିଶି ଖେଳିବା

ପିଲାମାନଙ୍କୁ ବିଭିନ୍ନ ପ୍ରକାର ଫୁଲ ମାନଙ୍କର ନାମ ଲେଖାଥିବା ଚିରିକୁଟ ଦେବା। ଗୋଟିଏ ପିଲା ଯେଉଁ ପିଲାର ନାମ ଡାକିବ ସେହି ପିଲା ନିଜ ହାତରେ ଥିବା ଚିରିକୁଟରେ ଲେଖାଥିବା ଫୁଲର ନାମ କହିବେ।

**ସୂଚନା :** ପିଲାମାନଙ୍କୁ ୩ଟି ଦଳରେ ବିଭକ୍ତ କରନ୍ତୁ। ପ୍ରତ୍ୟେକ ଦଳରୁ ଜଣେ ଲେଖାଏଁ ଦଳପତି ବାଛନ୍ତୁ।

| କ୍ର.ନଂ | ଦଳ | ଆବଶ୍ୟକୀୟ ଉପକରଣ | ପରୀକ୍ଷଣ ପାଇଁ ସୂଚନା |
|---|---|---|---|
| ୧. | ୧ମ | • ମନ୍ଦାର ଫୁଲ, ଛୁରି, ଫୋର୍‌ସେପ୍, ଯବକାଚ, କାଚସ୍ଲାଇଡ | • ପାଇଥିବା ଫୁଲର ବିଭିନ୍ନ ଅଂଶକୁ ଛୁରି ଓ ଫୋର୍‌ସେପ୍ ସାହାଯ୍ୟରେ ଅଲଗା କରି ସ୍ଲାଇଡ୍‌ରେ ରଖି ଦେଖିବେ।<br>• ଫୁଲଗୁଡ଼ିକର ବିଭିନ୍ନ ଅଂଶର ଚିତ୍ର ଅଙ୍କନ କର। |
| ୨. | ୨ୟ | • ମନ୍ଦାର ଫୁଲ, ଛୁରି, ଫୋର୍‌ସେପ୍, ଯବକାଚ, କାଚସ୍ଲାଇଡ | • ପାଇଥିବା ଫୁଲର ବିଭିନ୍ନ ଅଂଶକୁ ଛୁରି ଓ ଫୋର୍‌ସେପ୍ ସାହାଯ୍ୟରେ ଅଲଗା କରି ସ୍ଲାଇଡ୍‌ରେ ରଖି ଦେଖିବେ।<br>• ଫୁଲଗୁଡ଼ିକର ବିଭିନ୍ନ ଅଂଶର ଚିତ୍ର ଅଙ୍କନ କର। |

| କ୍ର.ନଂ | ଦଳ | ଆବଶ୍ୟକୀୟ ଉପକରଣ | ପରୀକ୍ଷଣ ପାଇଁ ସୂଚନା |
|---|---|---|---|
| ୩. | ୩ୟ | • ମନ୍ଦାର ଫୁଲ, ଛୁରି, ଫୋରସେପ୍, ଯବକାଚ, କାଚସ୍ଲାଇଡ୍ | • ପାଇଥିବା ଫୁଲର ବିଭିନ୍ନ ଅଂଶକୁ ଛୁରି ଓ ଫୋରସେପ୍ ସାହାଯ୍ୟରେ ଅଲଗା କରି ସ୍ଲାଇଡ୍‌ରେ ରଖି ଦେଖିବେ । • ଫୁଲଗୁଡ଼ିକର ବିଭିନ୍ନ ଅଂଶର ଚିତ୍ର ଅଙ୍କନ କର । |

## ଶିକ୍ଷକମାନଙ୍କ କାର୍ଯ୍ୟ

- ଦଳ ୧ – ଫୁଲ ମାନଙ୍କର ଅଂଶଗୁଡ଼ିକର ନାମ କହିବେ ।
- ଦଳ ୨ – ଏକ ଲିଙ୍ଗି ଓ ଉଭୟ ଲିଙ୍ଗୀ ଫୁଲ ଚିହ୍ନିବାରେ ସହାୟକ ହେବେ ।
- ଦଳ ୩ – ବିଭିନ୍ନ ଋତୁରେ ଫୁଟୁଥିବା ଓ ବର୍ଷସାରା ଫୁଟୁଥିବା ଫୁଲମାନଙ୍କର ନାମ କହିବେ ।

**ଆମେ କ'ଣ ଶିଖିଲେ:-**

୧. ନିମ୍ନ ଲିଖିତ ମଧ୍ୟରୁ କେଉଁଟି ଫୁଲର ଅଂଶ ନୁହେଁ ?

(କ) ଦଳ (ଖ) ବୃତି (ଗ) ଫଳିକା (ଘ) ଡେମ୍ଫ

୨. ନିମ୍ନ ଲିଖିତ ମଧ୍ୟରୁ କେଉଁ ଫୁଲଟି ଉଭୟ ଲିଙ୍ଗୀ ?

(କ) କଖାରୁ (ଖ) ମନ୍ଦାର (ଗ) ଅମୃତ ଭଣ୍ଡା (ଘ) ଉପରୋକ୍ତ ସମସ୍ତ

୩. ଫୁଲର କେଉଁ ଅଂଶଟି କଢକୁ ସୁରକ୍ଷା ଦିଏ ?

(କ) ଦଳ (ଖ) ବୃତି (ଗ) ଫଳିକା (ଘ) ପୁଂ କେଶର

## ଗୃହ କାର୍ଯ୍ୟ

ପିଲାମାନେ ଯେଉଁ ଗଛର ଚିରିକୁଟ ପାଇଥିବେ ନିଜ ଘର ବାଡ଼ିରେ ଓ ବିଦ୍ୟାଳୟ ପରିସରରେ ଥିବା ବଗିଚାରେ ସେହି ଗଛ ଲଗାନ୍ତୁ ଓ ତାହାର ନିୟମିତ ଯତ୍ନ ନିଅନ୍ତୁ ।

| ଅଧିବେଶନ-୮ | ଅଧିବେଶନ କୋଡ୍ | ଅବଧି |
|---|---|---|
| **ବର୍ଜ୍ୟବସ୍ତୁ ଉତ୍ପାଦନ ଓ ନିଷ୍କାସନ ସମ୍ପର୍କରେ ଜାଣିବା** | ୦୦୮ | ୪୫ ମିନିଟ୍ |

## ପୂର୍ବ ପାଠର ପୁନରାବୃତ୍ତି (୫ ମିନିଟ୍)

ପୂର୍ବ ପାଠର ଆଲୋଚନା କରିବେ ।

## ଉଦ୍ଦେଶ୍ୟ

ଶିକ୍ଷାର୍ଥୀମାନେ :

- ବର୍ଜ୍ୟବସ୍ତୁ ଉତ୍ପାଦନ ଓ ଏହାର ଆଖପାଖ ପରିବେଶ ଉପରେ ପଡୁଥିବା ପ୍ରଭାବ ମଧ୍ୟରେ କାରଣ ଓ ତାର ଫଳାଫଳ ସମ୍ପର୍କକୁ ବୁଝିବେ ।
- ବିଭିନ୍ନ ପ୍ରକାରର ବର୍ଜ୍ୟବସ୍ତୁକୁ ଆବିଷ୍କାର କରିବେ, ଯାହା ପୁନଃ ବ୍ୟବହାର ହୋଇପାରିବ ଓ ପୁନଃ ବ୍ୟବହାର ପଦ୍ଧତି ବିଷୟରେ ଜାଣିବେ ।

## ବର୍ଜ୍ୟବସ୍ତୁ ଚିହ୍ନଟ

### ଆବଶ୍ୟକ ଉପକରଣ

- ପରିଷ୍କାର ବର୍ଜ୍ୟ ପଦାର୍ଥର ବ୍ୟାଗ୍
- ପେନ୍ ବା ପେନସିଲ
- କାଗଜ
- ୫ ଟି ବାଲ୍ଟି ବା ମାଟି ଭର୍ତ୍ତି ଫୁଲ କୁଣ୍ଡ

### ପୂର୍ବ ପ୍ରସ୍ତୁତି (୫ ମିନିଟ୍)

- କ୍ଲବ ଛାତ୍ର / ପ୍ରତିନିଧି କାର୍ଯ୍ୟ କଳାପ ପାଇଁ ଶୀକ୍ଷାର୍ଥୀମାନଙ୍କୁ ନିୟୋଜିତ କରିବେ ।
- ଶୀକ୍ଷାର୍ଥୀମାନେ ସେମାନଙ୍କର ଯୋଡି ଗଠନ କରିବେ ଓ ଏକ ବୃତ୍ତଆକାରରେ ବସିବେ । ପ୍ରତ୍ୟେକ ଯୋଡ଼ି ଗୋଟିଏ ବର୍ଜ୍ୟବସ୍ତୁ (ପରିଷ୍କାର ବସ୍ତୁ ) ସହିତ ଉପସ୍ଥିତ ରହିବେ ।
- ପରବର୍ତ୍ତୀ ସମୟରେ ଶୀକ୍ଷାର୍ଥୀମାନଙ୍କୁ ନିଷ୍ପତ୍ତି ନେବାକୁ ପଡ଼ିବ ଯେ କିପରି ବର୍ଜ୍ୟବସ୍ତୁ ହ୍ରାସ କରାଯାଇପାରିବ ଏବଂ କିପରି ଏହାର ପୁନଃ ବ୍ୟବହାର କିମ୍ବା ପୁନଃ-ଚକ୍ରଣ କରାଯାଇପାରିବ ।

**ସୂଚନା :** ଅନେକ ବର୍ଜ୍ୟବସ୍ତୁ ପୁନଃ ବ୍ୟବହାର ହୋଇପାରିବ, ତେଣୁ ଯଦି ଆପଣ ଭାବିଚିନ୍ତି କ୍ରୟ କରୁଛନ୍ତି ତେବେ ଘରୁ ବାହାରୁଥିବା ବର୍ଜ୍ୟବସ୍ତୁକୁ ହ୍ରାସ କରିପାରିବେ ।

## ମୁଖ୍ୟ କାର୍ଯ୍ୟ (୩୦ ମିନିଟ୍)

ଛାତ୍ର ବା ଛାତ୍ରୀମାନେ ପ୍ରତ୍ୟେକ ୧୦ ଜଣଙ୍କୁ ନେଇ ୫ଟି ଦଳରେ ବିଭକ୍ତ ହୁଅନ୍ତୁ । ପ୍ରତ୍ୟେକ ଦଳ ଶ୍ରେଣୀଗୃହରୁ ୫-୬ ଟି ବିଭିନ୍ନ ବର୍ଜ୍ୟବସ୍ତୁ ସଂଗ୍ରହ କରନ୍ତୁ । ଏହା ରୋଷେଇ ଘରର ବର୍ଜ୍ୟବସ୍ତୁ ହୋଇପାରେ (ଉଦାହରଣ ସ୍ୱରୂପ -ପନିପରିବା ଚୋପା, ବ୍ୟବହୃତ ଚା' ପତି, କିଛି ଅବଶିଷ୍ଟ ଖାଦ୍ୟ) ଓ ବର୍ଜିତ ବ୍ୟବହାର ସାମଗ୍ରୀ ଯେପରିକି ପ୍ଲାଷ୍ଟିକ କିମ୍ବା କାଚର ଖାଲି ପାତ୍ର, ବ୍ୟବହୃତ କାଗଜ, ଛିଣ୍ଡା କପଡ଼ା ଇତ୍ୟାଦି ।

ତା'ପରେ, ସେହି ଜିନିଷଗୁଡ଼ିକୁ ଏକ ବାଲ୍ଟି ବା ମାଟି ଭର୍ତ୍ତି ଫୁଲ କୁଣ୍ଡରେ ପୋତି ଦେବା ଓ ପର୍ଯ୍ୟାପ୍ତ ପରିମାଣରେ ମାଟି ଘୋଡ଼ାଇ ଦେବା ।

- ଛାତ୍ରଛାତ୍ରୀମାନେ ପ୍ରାୟ ତିନି ସପ୍ତାହ ପାଇଁ ପୋତି ହୋଇଥିବା ଜିନିଷ ଗୁଡିକ ଛାଡିଦେବେ ଯାହା ପରେ ସେହି ଜିନିଷଗୁଡିକ ସମୀକ୍ଷା ପାଇଁ ବାହାରକୁ ନେଇଯିବେ ।
- ୩ ସପ୍ତାହ ପରେ ସେମାନେ ଆବିଷ୍କାର କରିବେ ଯେ କିଛି ସାମଗ୍ରୀ ସେମାନଙ୍କର ରୂପ ବଦଳାଇ ଦେଇଛନ୍ତି, ଯଥା ସେମାନେ କମ୍ପୋଷ୍ଟ ହୋଇଯାଇଛନ୍ତି କିମ୍ବା କମ୍ପୋଷ୍ଟ ପ୍ରକ୍ରିୟାରେ ଅଛନ୍ତି । ଅନ୍ୟପଟେ ଅନ୍ୟ କେତେକ ସାମଗ୍ରୀ ପ୍ରାୟ ସମାନ ରୂପରେ ଅଛନ୍ତି ।
- ଯେଉଁ ସାମଗ୍ରୀଗୁଡିକ କମ୍ପୋଷ୍ଟ ହୋଇଯାଇଛି କିମ୍ବା ହେବାକୁ ଯାଉଛି ତାହା ହେଉଛି ଜୈବ ନିମ୍ନୀକରଣ ଯୋଗ୍ୟ ସାମଗ୍ରୀ । ଯେଉଁ ବର୍ଜ୍ୟବସ୍ତୁରେ କୌଣସି ପରିବର୍ତ୍ତନ ହୁଏ ନାହିଁ, ତାହା ଜୈବନିମ୍ନୀକରଣ ଅଯୋଗ୍ୟ ସାମଗ୍ରୀ ଅଟେ ।
- ଶୀକ୍ଷାର୍ଥୀ ବର୍ଜ୍ୟବସ୍ତୁକୁ ମାଟିରେ ପୋତି ଦେବାପରେ, କ୍ଲବ ଛାତ୍ର ପ୍ରତିନିଧୀ ୫ଟି ଦଳ ମଧ୍ୟରେ ଶ୍ରେଣୀଗୃହରେ ଆଲୋଚନା ଆରମ୍ଭ କରିବେ । ବିଷୟଗୁଡ଼ିକ ଏହିପରି ହୋଇପାରେ : -
- ଜୈବ ଜୈବ ନିମ୍ନୀକରଣଯୋଗ୍ୟ ଓ ଜୈବ ନୀମ୍ନୀକରଣ ଅଯୋଗ୍ୟ ବର୍ଜ୍ୟବସ୍ତୁ ପାଇଁ ପୃଥକ ପାତ୍ର ରହିବା ଜରୁରୀ  କି ?
- ଜଳବାୟୁ ପରିବର୍ତ୍ତନ ଉପରେ ବର୍ଜ୍ୟବସ୍ତୁ ପରିଚାଳନାର ପ୍ରଭାବ ପଡିଥାଏ  କି ?
- ଆମେ କିପରି ଆମର ବର୍ଜ୍ୟବସ୍ତୁ ଉତ୍ପାଦନକୁ ହ୍ରାସ କରିପାରିବା ?
- ବାୟୁ, ଜଳ ଓ ମୃତ୍ତିକା ପ୍ରଦୂଷଣ ସହିତ ବର୍ଜ୍ୟବସ୍ତୁ ପରିଚାଳନା କିପରି ଜଡିତ ?

ଯଦି ଏହି ଜିନିଷ ଗୁଡିକରେ ବିପଜ୍ଜନକ ବସ୍ତୁ ଅଛି, ତେବେ ଆପଣ ଏହାକୁ କିପରି ନଷ୍ଟ କରିବେ ?

## ଉପସଂହାର

୧୦ ମିନିଟ୍

ଶିକ୍ଷା ଓ ସଚେତନତା କାର୍ଯ୍ୟକଳାପ ମାଧ୍ୟମରେ ହିଁ ବର୍ଜ୍ୟବସ୍ତୁର ସୁପରିଚାଳନା ନିମନ୍ତେ ବ୍ୟବହାରିକ ପରିବର୍ତ୍ତନ ଅଣାଯାଇପାରିବ । ପାଠ୍ୟକ୍ରମ ମଧ୍ୟରେ ପୁନଃଚକ୍ରଣ ବାର୍ତ୍ତା ଅନ୍ତର୍ଭୁକ୍ତ କରିପାରିବା ଓ ଶୀକ୍ଷାର୍ଥୀମାନଙ୍କୁ ବର୍ଜ୍ୟବସ୍ତୁ ବିଷୟରେ ଭିନ୍ନ ଚିନ୍ତା କରିବାକୁ ଉତ୍ସାହିତ କରିବା । ବର୍ଜ୍ୟବସ୍ତୁ ହ୍ରାସ କାର୍ଯ୍ୟକୁ ନିଜ ନିଜ ବିଦ୍ୟାଳୟ ଓ ଘର ପରିବେଶରେ କିପରି ଅନ୍ତର୍ଭୁକ୍ତ କରିପାରିବା ସେ ବିଷୟରେ ଚିନ୍ତା କରିବା ।

## ଗୃହ କାର୍ଯ୍ୟ

ଗୃହ କାର୍ଯ୍ୟ ପାଇଁ ଶୀକ୍ଷାର୍ଥୀ ନିମ୍ନ ଲିଖିତ ବିଷୟ ଉପରେ ସୂଚନା ସଂଗ୍ରହ କରିପାରିବେ । ଶୀକ୍ଷାର୍ଥୀମାନେ ପରିବାର / ଆଖପାଖର ସଦସ୍ୟମାନଙ୍କ ସାକ୍ଷାତକାର ନେବେ । ସ୍ଥାନୀୟ ସମ୍ବାଦ ରିପୋର୍ଟକୁ ଅନୁସରଣ କରିପାରିବେ କିମ୍ବା ତଥ୍ୟ ସଂଗ୍ରହର ପଦ୍ଧତି ଉପରେ ଆଧାର କରି ଦଳୀୟ ଆଲୋଚନା କରିପାରିବେ ।

- ଆପଣଙ୍କ ଆଖପାଖରେ ଅଳିଆ ଆବର୍ଜନା ନଷ୍ଟ କରିବାର କେଉଁ ପଦ୍ଧତି ଅଭ୍ୟାସ କରାଯାଏ ?
- ଆପଣଙ୍କ ଘର ବା ଆଖପାଖରୁ କିଏ ଅଳିଆ ସଂଗ୍ରହ କରେ ? ଏହା ଆପଣଙ୍କ ଘର ବା ସମ୍ପ୍ରଦାୟଠାରୁ କେତେ ଦୂର ?
- ଆପଣ କେବେ ମଶା, ମାଛି, କୀଟପତଙ୍ଗ ଓ ପଶୁମାନଙ୍କୁ ଅଳିଆ ଆବର୍ଜନା ସ୍ଥାନର ଚାରିପାଖରେ ଦେଖିଛନ୍ତି କି ?
- ଅଳିଆ ଆବର୍ଜନା ପାଇଁ ବ୍ୟବହୃତ ପଦ୍ଧତିଗୁଡ଼ିକ କ'ଣ ?
- ଆପଣଙ୍କ ଗାଁରେ ସ୍ୱଚ୍ଛତା ଅଭିଯାନ କାର୍ଯ୍ୟକ୍ରମ ହେଇଛି କି ?

| ଅଧିବେଶନ-୯ | ଅଧିବେଶନ କୋଡ୍ | ଅବଧି |
|---|---|---|
| ପ୍ରକଳ୍ପ ଉପସ୍ଥାପନ | ୦୦୯ | ୪୫ ମିନିଟ୍ |

ପିଲାଙ୍କ ଦ୍ୱାରା ପ୍ରସ୍ତୁତ ପ୍ରକଳ୍ପର ମୂଲ୍ୟାଙ୍କନ କରିବେ

## ପ୍ରକଳ୍ପ ମୂଲ୍ୟାଙ୍କନ ଫର୍ମାଟ୍

| | |
|---|---|
| ୧. | ଉପକ୍ରମ |
| ୨. | ଉଦ୍ଦେଶ୍ୟ |
| ୩. | ହାଇପୋଥେସିସ୍ ବା ଅନୁସନ୍ଧାନମୂଳକ ପ୍ରଶ୍ନ |
| ୪. | ବିଷୟର ମହତ୍ତ୍ୱ ଓ ପ୍ରାସଙ୍ଗିକତା |
| ୫. | ବିଷୟ ସମ୍ପର୍କିତ ସମୀକ୍ଷା |
| ୬. | ପଦ୍ଧତି |
| ୭. | ତଥ୍ୟ ବିଶ୍ଳେଷଣ |
| ୮. | ତଥ୍ୟ ପ୍ରସ୍ତୁତି |
| ୯. | ପ୍ରକଳ୍ପର ସୀମା |
| ୧୦. | ଉପସଂହାର |
| ୧୧. | ପ୍ରଶ୍ନ ପତ୍ର |
| ୧୨. | ପ୍ରକଳ୍ପ ଉପସ୍ଥାପନା ଓ ମୌଖିକ ପରୀକ୍ଷା |

ମୂଲ୍ୟାୟନ ସମୟରେ ଶିକ୍ଷକ ଉପରୋକ୍ତ ଫର୍ମାଟ୍‌କୁ ବ୍ୟବହାର କରି ମୂଲ୍ୟାୟନ କରିବେ ।

| ଅଧିବେଶନ-୧୦ | ଅଧିବେଶନ କୋଡ୍ | ଅବଧି |
|---|---|---|
| **3Rs – Reduce (ସମ୍ବରଣ), Reuse (ପୁନଃ ବ୍ୟବହାର) ଓ Recycle(ପୁନଃ ଚକ୍ରଣ)** | ୦୧୦ | ୪୫ ମିନିଟ୍ |

## ଉଦ୍ଦେଶ୍ୟ

ଶିକ୍ଷାର୍ଥୀମାନେ :

- 3Rର ଗୁରୁତ୍ୱ ସମ୍ପର୍କରେ ଉପକ୍ରମ ଜାଣିବେ ଏବଂ ଏହାକୁ ପ୍ରୟୋଗ ନିମନ୍ତେ ଅଭ୍ୟାସ ଜାରି ରଖିବେ ।
- ଏହିସବୁ ଅଭ୍ୟାସଗତ ଭାବେ ପରିବାର, ଗ୍ରାମ ସ୍ତରରେ ପ୍ରୟୋଗ କରିବେ ।

## ବିଭିନ୍ନ ପ୍ରକାରର ଆବର୍ଜନା ପୃଥ୍ୱୀକରଣ

### ଆବଶ୍ୟକ ଉପକରଣ

- ୩ ଟି ବାକ୍ସ
- ଧଳା ବୋର୍ଡ
- ପେନ
- ୩ ଟି କଲର ମାର୍କର
- କିଛି ପରିମାଣରେ ପରିଷ୍କାର କଠିନ ବର୍ଜ୍ୟବସ୍ତୁ ଯଥା :- କାଗଜ ଖଣ୍ଡ, ପ୍ଲାଷ୍ଟିକ, କପଡ଼ା, ଗ୍ଲାସ

### ପୂର୍ବ ପ୍ରସ୍ତୁତି

- ଶିକ୍ଷକ ଅଧିବେଶନ ସମ୍ପର୍କରେ ପୂର୍ବରୁ ପ୍ରସ୍ତୁତ ହେବେ ।

## ମୁଖ୍ୟ କାର୍ଯ୍ୟ — ୩୦ ମିନିଟ୍

ଛାତ୍ରଛାତ୍ରୀମାନଙ୍କୁ କିଛି ପ୍ରଶ୍ନ ପଚାରିବେ

ତୁମେମାନେ ରାସ୍ତା କଡ଼, ନାଳ, ବଗିଚା, ପାର୍କ, ପଲିଥିନ ମୁଣି, ଗୁଟକା ପ୍ୟାକେଟ, ଛିଣ୍ଡା କନା, ଭଙ୍ଗା କାଚ, ପ୍ଲାଷ୍ଟିକ ଡବା ଚାରିଆଡ଼େ ପଡ଼ିଥିବାର ଲକ୍ଷ୍ୟ କରିଥିବ । ଏସବୁ କେବଳ ପରିବେଶକୁ ଅସୁନ୍ଦର କରେ ନାହିଁ ବରଂ ଆମ ସ୍ୱାସ୍ଥ୍ୟ ଉପରେ ମଧ ଖରାପ ପ୍ରଭାବ ପକାଇଥାଏ ।

୧. ଘରେ ଝାଡୁ କରିବା ପରେ କଣ କଣ ଆବର୍ଜନା ବାହାରିଥାଏ ?
୨. ତୁମ ବିଦ୍ୟାଳୟରୁ କେଉଁ ସବୁ ଆବର୍ଜନା ବାହାରେ ?
୩. ତୁମେ ଘରେ ଓ ବିଦ୍ୟାଳୟରୁ ବାହରୁଥିବା ଆବର୍ଜନା ଗୁଡ଼ିକ ମଧ୍ୟରୁ କେଉଁଗୁଡ଼ିକ ମାଟିରେ ମିଶିଥାଏ ଓ କେଉଁଗୁଡ଼ିକ ମାଟିରେ ମିଶେ ନାହିଁ ?
୪. ଆଜିକାଲି ଚାରିଆଡ଼େ ଆବର୍ଜନା ବଢ଼ି ଚାଲିଛି । ଏହି ଆବର୍ଜନାର ସୁପରିଚାଳନା ପାଇଁ ଆମେ କ'ଣ କରି ପାରିବା ?

ଶ୍ରେଣୀ ଗୃହରେ ପିଲାମାନେ କାଗଜ ଟୁକୁଡ଼ା, ଭଙ୍ଗା ଡଟ୍ ପେନ୍, ରିଫିଲ୍, କଟା ପେନସିଲର ଟୁକୁଡ଼ା, ଭାଙ୍ଗି ଯାଇଥିବା ସ୍କେଲ ବିସ୍କୁଟ୍ ଖୋଳ, ଜରି ଇତ୍ୟାଦି ଡଷ୍ଟବିନରେ ରଖିବେ । ବିଦ୍ୟାଳୟ ହତା ଭିତରେ ୩ ଗୋଟି ରଙ୍ଗର ବାକ୍ସ ରଖିବେ ।

**ଏହି ୩ ଗୋଟି ଚିହ୍ନିତ ବାକ୍ସରେ ପକାଇବେ ।**




## ବିଷୟ ବସ୍ତୁ ସମ୍ପର୍କରେ ଆଲୋଚନା

୧. ତୁମେମାନେ ପ୍ରତ୍ୟେକ ଦିନ ଘରୁ ବାହାରୁଥିବା ବର୍ଜ୍ୟ ବା ଆବର୍ଜନା ସବୁ ଫୋପାଡ଼ି ଦିଅ କି ?

୨. ଆମ୍ଭେମାନେ ଏହି ଆବର୍ଜନା ସବୁକୁ କମାଇପାରିବା (Reduce), ପୁନଃ ବ୍ୟବହାର କରିପାରିବା (Reuse) ଓ ପୁନଃ ଚକ୍ରଣ କରି ପାରିବା (Recycle) ।

୩. ଏହା ମଧ୍ୟରୁ କେଉଁଟି କମ୍ପୋଷ୍ଟ ହୋଇପାରିବ ?

ଏହାପରେ ଶିକ୍ଷକ ଉପରୋକ୍ତ ପ୍ରଶ୍ନାବଳୀଗୁଡିକ ଆଲୋଚନା କରି ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ପ୍ରତ୍ୟେକ ପରିବାରରୁ ବାହାରୁଥିବା ଅନ୍ୟାନ୍ୟ ବର୍ଜ୍ୟବସ୍ତୁ ସମ୍ପର୍କରେ ଧାରଣା ଆଣି ସେହିପରି ତାଙ୍କ ବିଦ୍ୟାଳୟ, ଗ୍ରାମ, ପଡ଼ା କେତେ ପରିମାଣର ବର୍ଜ୍ୟ ବାହାରୁଛି ସେ ସମ୍ପର୍କରେ ଆଲୋଚନା କରିବେ ।

ଏହି ବର୍ଜ୍ୟ ବସ୍ତୁ ବା ଆବର୍ଜନାଗୁଡିକର ପରିବେଶ ଉପରେ ନକରାତ୍ମକ ପ୍ରଭାବ ସମ୍ପର୍କରେ ଆଲୋଚନା କରିବେ । ଠିକ୍ ଭାବରେ ଆବର୍ଜନା ନିଷ୍କାସନ ନହେଲେ କି କି ଅସୁବିଧା ହେବ ।

ଯଥା–

- ସଂକ୍ରାମକ ରୋଗର ବୃଦ୍ଧି
- ଭୂମି ଓ ଜଳ ପ୍ରଦୂଷଣ
- ନାଳ ନର୍ଦ୍ଦମାରେ ଆବର୍ଜନାର ବୃଦ୍ଧି
- ଜୈବ ବିବିଧତାର କ୍ଷତି

ତେଣୁ ଆମ୍ଭମାନଙ୍କ ପାଖରେ ଏକ ମାତ୍ର ବିକଳ୍ପ ସମ୍ବରଣ, ପୁନଃ ବ୍ୟବହାର ଓ ପୁନଃ ଚକ୍ରଣ ।

ଏହି ଆଲୋଚନା ପରେ ଶିକ୍ଷକ ଶ୍ରେଣୀ ଗୃହରେ ଏହି ୩ ଆର୍ ର ଗୁରୁତ୍ୱ ଓ ଉପକାରିତା ବିଷୟରେ ବର୍ଣ୍ଣନା ବା ଆଲୋଚନା କରିବେ ।

ପରିବେଶ ତଥା ପ୍ରାକୃତିକ ସମ୍ପଦର ସଂରକ୍ଷଣ ପାଇଁ ଏହି ୩ ଆର୍ (3Rs)ନୀତିକୁ ଏକ ମାଧ୍ୟମ ଭାବେ ଗ୍ରହଣ କରାଯାଇଛି ।

**ସମ୍ବରଣ (Reduce)**

ସମ୍ବରଣ ଅର୍ଥ ଆବଶ୍ୟକତାକୁ ଦୃଷ୍ଟିରେ ରଖି ସମ୍ପଦ ବ୍ୟବହାର କରିବା ଅନେକ ସମୟରେ ଆମେ ଆମର ଆବଶ୍ୟକତାଠାରୁ ଅଧିକ ସମ୍ପଦ ବ୍ୟବହାର କରିଥାଉ ।

ଯଥା :-

- ନିଜେ ଖାଇବାଠାରୁ ଅଧିକ ଖାଦ୍ୟ ନେବା
- ଟ୍ୟାପ ଖୋଲା ରଖି ଦାନ୍ତ ଘସିବା
- ଗାଧେଇବା ସମୟରେ ସାୱାର ବ୍ୟବହାର କରିବା
- ବିଦ୍ୟୁତ ଆଲୋକ ଓ ପଙ୍ଖା ବନ୍ଦ ନକରି ଚାଲିଯିବା
- ବ୍ୟକ୍ତିଗତ ଯାନବାହାନ ସର୍ବ ସାଧାରଣ ପରିବହନ ବ୍ୟବହାର କରିବା

**ପୁନଃ ବ୍ୟବହାର (Reuse)**

ପୁନଃ ବ୍ୟବହାର ପ୍ରକ୍ରିୟାରେ ଗୋଟିଏ ପଦାର୍ଥକୁ ବାରମ୍ବାର ବ୍ୟବହାର କରାଯାଇ ପାରିଥାଏ।

ଯଥା :-

- ଘରୁ ବାହାରୁ ଥିବା କାଗଜ ଗୁଡ଼ିକରୁ ଫୁଲଦାନି
- ଦ୍ରବ୍ୟ ସହିତ ଆସୁଥିବା ଡବା ଗୁଡ଼ିକୁ ରୋଷେଇ ଘରେ ବ୍ୟବହାର ହୋଇପାରିବ
- ଛିଣ୍ଡା କପଡାରେ ବ୍ୟାଗ ପ୍ରସ୍ତୁତ କରି ପରିବା ଆଣିପାରିବା, ବ୍ୟବହୃତ ଲଫାଫାକୁ ଓଲଟାଇ ପୁନଃ ବ୍ୟବହାର କରାଯାଇପାରିବ।

**ପୁନଃ ଚକ୍ରଣ (Recycle)**

ଏହି ପଦ୍ଧତି ଦ୍ୱାରା ଆମେ କିଛି ମାତ୍ରାରେ ବର୍ଜ୍ୟବସ୍ତୁକୁ କଞ୍ଚାମାଲ ଭାବରେ ବ୍ୟବହାର କରିପାରିବା । ଆମ ଘରେ ସୃଷ୍ଟି ହେଉଥିବା ଆବର୍ଜନାକୁ ଅଲଗା କରି କାଚ ବୋତଲ, ରଦି କାଗଜ, ପୁରୁଣା ଖବର କାଗଜ ଓ ଧାତବ ଦ୍ରବ୍ୟ ଗୁଡ଼ିକୁ କବାଡିଆକୁ ଦେବା ଉଚିତ୍। ଏଥିରୁ ଆମେ ପୁନଃ ଚକ୍ରଣ ପ୍ରକ୍ରିୟାରେ ନୂଆ କାଚ, କାଗଜ, ଧାତୁ ପାଇ ପାରିବା । ପୁନଃ ଚକ୍ରଣ ଦ୍ୱାରା କଳକାରଖାନା ମାନେ ବି ଉପକୃତ ହେବେ।

ଜୈବ ଆବର୍ଜନାକୁ ଆମେ କମ୍ପୋଷ୍ଟରେ ବ୍ୟବହାର କରିପାରିବା।

**ଚିତ୍ର ମାଧ୍ୟମରେ ଶିକ୍ଷକ ପୃଥକୀ କରଣ କରିବେ ।**










**ମୁଖ୍ୟାଂଶ**

- ଏହି ତିନି ଗୋଟି ପଦ୍ଧତି ମଧ୍ୟରୁ ସମ୍ବରଣ , ବ୍ୟବହାର ହ୍ରାସ ବା କମାଇବା ଅତି ସହଜ ଅଟେ । ଜଣେ ବ୍ୟକ୍ତି ଯେତେ କମ୍ ପରିମାଣର ବ୍ୟବହାର କରିବେ ସେତେ କମ୍ ପରିମାଣର ବର୍ଜ୍ୟ ସୃଷ୍ଟି ହେବ।
- ନିର୍ଦ୍ଦିଷ୍ଟ ଭାବରେ ଏକକ ବ୍ୟବହୃତ ବସ୍ତୁ ଗୁଡିକଠାରୁ ଦୂରେଇ ରହିବା ଯଥା :-

**ପ୍ଲାଷ୍ଟିକ ଗ୍ଲାସ, ପ୍ଲାଷ୍ଟିକ ବୋତଲ ବା ପ୍ଲେଟ।**

- ପୁନଃ ବ୍ୟବହାର ବସ୍ତୁ କ୍ରୟ
- ତୁମର ମଧ୍ୟାହ୍ନ ଭୋଜନ ବା ଜଳଖିଆ ପୁନଃ ବ୍ୟବହାର ଯୋଗ୍ୟ ଟିଫିନ୍ ବାକ୍ସରେ ନିଅ।
- ତୁମ ଘରେ ଯେଉଁ ଜିନିଷ ଗୁଡିକ ଭାଙ୍ଗି ଯାଉଛି ଯଥା:-କାଚ, କାଗଜ ଇତ୍ୟାଦି ଆଉଥରେ ପୁନଃ ଚକ୍ରଣ ପାଇଁ ପଠାଇବା।
- ପୁନଃ ଚକ୍ରଣ କାରଖାନା ସହ ସମ୍ପର୍କ ସ୍ଥାପନ କରିବା।
- ଘରୁ ବାହାରୁଥିବା ଜୈବ ବର୍ଜ୍ୟ ବସ୍ତୁକୁ କମ୍ପୋଷ୍ଟରେ ପରିଣତ କରିବା।
- ଏହି ଛୋଟ ଛୋଟ କଥାରୁ ପରିବେଶରେ ଅନୁକୂଳ ପ୍ରଭାବ ପଡ଼ିବ।

**ଉପସଂହାର ପ୍ରଶ୍ନାବଳୀ**

୧. ତୁମ ବିଦ୍ୟାଳୟରେ ସୃଷ୍ଟି ହେଉଥିବା ଆବର୍ଜନାକୁ ତୁମେ କିପରି ପରିଚାଳନା କରିପାରିବ ?

୨. ତୁମେ କେଉଁ ଆବର୍ଜନାଗୁଡିକୁ ପୁଣି ବ୍ୟବହାର କରି ତୁମେ କେଉଁ ସବୁ ଜିନିଷ ତିଆରି କରିପାରିବ ତାହାର ଏକ ତାଲିକା କର ।

**ଆମେ କ'ଣ ଶିଖିଲେ ?**

୧. ଆବର୍ଜନାର ପରିମାଣ ଦିନକୁ ଦିନ ବଢି ଚାଲିଛି । ଏହାର ଉପଯୁକ୍ତ ପରିଚାଳନା ଆବଶ୍ୟକ ।

୨. ଆବର୍ଜନାର ପ୍ରକାର ଭେଦକୁ ନେଇ ଏହାକୁ ଅଲଗା କରି ରଖିବା ।

୩. ପୁନଃ ଚକ୍ରଣ ଯୋଗ୍ୟ ଆବର୍ଜନାକୁ କଳକାରଖାନାକୁ ପଠାଇବା ।

୪. ଦୈନନ୍ଦିନ ଜୀବନର ଆବଶ୍ୟକ ମୁତାବକ ଖାଦ୍ୟ, ବସ୍ତ୍ର, ପୋଷାକ ବ୍ୟବହାର କରିବା ।

୫. ଅଦରକାରୀ ଜିନିଷର ବ୍ୟବହାର କମ କରିବା ।

**ଉପସଂହାର**

- ନେକଚାନ୍ଦ ନାମକ ଜଣେ ଶିଳ୍ପୀ ଚଣ୍ଡୀଗଡ଼ରେ ବିଖ୍ୟାତ ପ୍ରସ୍ତର ଉଦ୍ୟାନ ନିର୍ମାଣ କରିଛନ୍ତି । ପ୍ରଥମେ ସେ କେତେ ବର୍ଷ ପାଇଁ ଆବର୍ଜନାରୁ ବିଭିନ୍ନ ବସ୍ତୁ ସଂଗ୍ରହ କରି ଉଦ୍ୟାନ ନିର୍ମାଣ କଲେ । ପ୍ରତିବର୍ଷ ଦେଶ ବିଦେଶରୁ ଅନେକ ଲୋକ ଏହି ଉଦ୍ୟାନକୁ ଦେଖିବାକୁ ଆସୁଛନ୍ତି ।
- କୋଏମ୍ବାଟୁର ବାସିନ୍ଦା କଲ୍ୟାଣ କୁମାର ବିଭିନ୍ନ ପ୍ରକାର ବର୍ଜ୍ୟବସ୍ତୁରୁ ଉପଯୋଗୀ ଉପକରଣ ତିଆରି କରି ଲକ୍ଷାଧିକ ଟଙ୍କା ରୋଜଗାର କରୁଛନ୍ତି । ତାଙ୍କର ଏହି ରୋଜଗାର ମାଧ୍ୟମରେ ପରିବେଶ ଉପରେ କୌଣସି କୁପ୍ରଭାବ ପଡୁନାହିଁ । ସେ ଶୁଖିଲା ପତ୍ର, ତେନ୍ତୁଳି ମଞ୍ଜି, କଦଳୀ ପତ୍ର, ବାଦାମ ଚୋପା ଇତ୍ୟାଦିକୁ ବ୍ୟବହାର କରି ବିଭିନ୍ନ ଉପକରଣ ତିଆରି କରିଛନ୍ତି ।

**ଗୃହ କାର୍ଯ୍ୟ**

ପ୍ଲାଷ୍ଟିକକୁ କେଉଁ ଉପାୟରେ ପୁନଃ ବ୍ୟବହାର କରାଯାଇପାରିବ, ପ୍ରତ୍ୟେକ ଦଳର ପିଲାମାନେ ୨ଟି ଲେଖାଏଁ ମଡେଲ ପ୍ରସ୍ତୁତ କରି ଆଣିବେ ।

| ଅଧିବେଶନ-୧୧ | ଅଧିବେଶନ କୋଡ୍ | ଅବଧି |
|---|---|---|
| **ବିଭିନ୍ନ ଉତ୍ସରୁ ଉପଲବ୍ଧ ଜଳର ପ୍ରକାର ଅଧ୍ୟୟନ** | ୦୧୧ | ୪୫ ମିନିଟ୍ |

## ପୂର୍ବ ପାଠର ପୁନରାବୃତ୍ତି — ୫ ମିନିଟ୍

ଜଳ ବିଷୟରେ ଶିକ୍ଷକ ପିଲାମାନଙ୍କୁ କହିବେ।

## ଉଦ୍ଦେଶ୍ୟ

ଶିକ୍ଷାର୍ଥୀମାନେ :

- ବିଦ୍ୟାଳୟ ମଧ୍ୟରେ ଜଳର ବିଭିନ୍ନ ଉତ୍ସ ବିଷୟରେ ଶିଖିବେ ଓ ବୃହତ୍ ପରିବେଶରେ ଜଳ ଉତ୍ସର ବିଭିନ୍ନ ଦିଗକୁ ଅବଲୋକନ କରିବେ।
- ସୂଚନା ସଂଗ୍ରହ ଓ ବିଶ୍ଳେଷଣ କରି ଜଳ ଉତ୍ସଗୁଡ଼ିକୁ ଶ୍ରେଣୀବିଭାଗ କରିବେ ଓ ଜଳର ପ୍ରୟୋଗ ବିଷୟରେ ବ୍ୟବହାରିକ ଜ୍ଞାନ ପ୍ରୟୋଗ କରିବେ।

## ଜଳର ଉତ୍ସ ଚିହ୍ନଟ

### ଆବଶ୍ୟକ ଉପକରଣ

- ପେନ୍ ବା ପେନସିଲ୍
- କାଗଜ
- ବିଦ୍ୟାଳୟର ଜଳ ଉତ୍ସ ମାନଚିତ୍ର
- "ୱାର୍ମ ଅପ୍ ପଜଲ୍", କ୍ଲବର ଛାତ୍ର ପ୍ରତିନିଧିଙ୍କ ଦ୍ୱାରା ବିକଶିତ

### ପୂର୍ବ ପ୍ରସ୍ତୁତି

- ବିଭିନ୍ନ ପ୍ରକାର ଜଳ ସଂଗ୍ରହ କରି ଆଣି ଶ୍ରେଣୀ ଗୃହରେ ରଖିବା।

## ୱାର୍ମଅପ୍ କାର୍ଯ୍ୟ — ୧୦ ମିନିଟ୍

କ୍ଲବ ଛାତ୍ର ପ୍ରତିନିଧି, କାର୍ଯ୍ୟକଳାପ ଦ୍ୱାରା ଶିକ୍ଷାର୍ଥୀମାନଙ୍କୁ ନିୟୋଜିତ କରିବେ।

୧. ଶିକ୍ଷାର୍ଥୀମାନଙ୍କୁ ୫ଟି ଦଳରେ ବିଭକ୍ତ କରିବେ।

୨. ଏହି ପଜଲରେ ଜଳ ସହ ଜଡ଼ିତ ଶବ୍ଦଗୁଡ଼ିକୁ ଚିହ୍ନଟ କରିବାକୁ ସମସ୍ତ ଦଳକୁ କହିବେ । ଯେଉଁ ଦଳ ସର୍ବାଧିକ ଶବ୍ଦ ଚିହ୍ନଟ କରିବେ, ସେମାନେ ଜିତିବେ (ଉପରୁ ତଳକୁ ଏବଂ ଡ଼ାହାଣରୁ ବାମକୁ)।


| | | | | | | | | |
|---|---|---|---|---|---|---|---|---|
| ପୋ | କା | ଟ | ମ | ଢ | ତୁ | କୂ | ଅ | ଯ |
| ଖ | ଘ | ନ | ଦୀ | ଡ | ଗ | ଈ | ଛ | ବ |
| ରୀ | ଇ | ଆ | ଶ | ଙ୍କ | କା | କ | ର | ଳ |
| ନ | ରେ | ନ୍ଦ୍ର | ପା | ଈ | ହା | ଚ | ମ | କା |
| ପ | ର | ଣା | କୂ | ଆ | ପ | ଥ | ର | ଉ |
| ଆ | ନ | ଳ | କୂ | ପ | ସ | ଚ | ଢ଼େ | ଇ |
| ଝ | ର | ଣା | ଉ | ଈ | ମୁ | ଥ | ଈ | ର |
| କ | ଟ | ଢ଼ | ଷ | ପ | ଦ୍ର | ଚ | ଢ଼ | କ |

## ମୁଖ୍ୟ କାର୍ଯ୍ୟ କଳାପ

୧୦ ମିନିଟ୍

ପଜଲ୍ ସମାପ୍ତ ହେବା ପରେ, କ୍ଲବ ଛାତ୍ର ପ୍ରତିନିଧି ବିଦ୍ୟାଳୟର ଜଳ ମାନଚିତ୍ର ଦେଖାଇବେ ଓ ଛାତ୍ରଛାତ୍ରୀଙ୍କୁ ସେ ବିଷୟରେ ସଂକ୍ଷିପ୍ତରେ କହିବେ । ଶିକ୍ଷକ ତଦାରଖ କାର୍ଯ୍ୟ କରିବେ ଓ ଆବଶ୍ୟକ ସ୍ଥଳେ ସଂକ୍ଷିପ୍ତ କାର୍ଯ୍ୟକୁ ସହଜ କରିବେ । ପ୍ରତ୍ୟେକ ଦଳର ପ୍ରତିନିଧିତ୍ୱ କରିବା ଓ ଦଳ ପରିଚାଳନା କରିବା ପାଇଁ ଦଳପତିଙ୍କୁ ମନୋନୀତ କରିବା । ଦଳପତି ଦଳର ପର୍ଯ୍ୟବେକ୍ଷଣର ଫଳାଫଳ ଉପସ୍ଥାପନ କରିବେ । ସଂକ୍ଷିପ୍ତ ବୈଠକ ପରେ ଛାତ୍ରଛାତ୍ରୀଙ୍କୁ ଜଳ ମାନଚିତ୍ରରେ ଗୋଟିଏ ଚିହ୍ନିତ କ୍ଷେତ୍ର ନ୍ୟସ୍ତ କରାଯିବ । ତାପରେ ଦଳମାନେ ନିମ୍ନ ପ୍ରଶ୍ନର ଉତ୍ତର ଦେବାକୁ ସେହି ଅଞ୍ଚଳ ପରିଦର୍ଶନ କରିବେ ।

୧. ସେହି ସ୍ଥାନରେ ଜଳର ଉତ୍ସ କ'ଣ ?
   ଜଳଉତ୍ସ (ଟ୍ୟାପ ବା ପାଇପ ଲାଇନ, କୂଅ ଇତ୍ୟାଦି) କଣ ଓ ମୁଖ୍ୟ ଉତ୍ସ (ଭୂତଳ ଜଳ ବା ଭୂପୃଷ୍ଠ ଜଳ ) କ'ଣ ?
୨. ଜଳକୁ ବିଶେଷ ଭାବରେ ଆମେ କେଉଁ କେଉଁ ସ୍ଥାନରେ ବ୍ୟବହାର କରୁଛେ ? (ପିଇବା, ହାତ ଧୋଇବା, ବଗିଚା କାମ ଇତ୍ୟାଦି )
୩. ଜଳ ବ୍ୟବହାର ପାଇଁ ପାନୀୟ, ହାତ ଧୋଇବା, ବଗିଚା ଇତ୍ୟାଦି ମଧ୍ୟରେ ଜଳ କିପରି ଭାଗ କରାଯାଏ ? ଆପଣଙ୍କ ଘରେ କିମ୍ବା ପରିବେଶରେ ଜଳ କିପରି ବ୍ୟବହୃତ ହୁଏ ?
୪. ଆପଣଙ୍କ ଅଞ୍ଚଳରେ ଜଳ କୈାଣସି ସ୍ଥାନରେ ଲିକ୍ ଅଛି କି ?
୫. ଜଳର ପୁନଃ ଚକ୍ରଣ କିମ୍ବା କୌଣସି ପ୍ରକାରେ ପୁନଃବ୍ୟବହାର କରାଯାଉଛି କି ?
୬. ଜଳ ଆଣିବା ସ୍ଥାନ ଗୁଡ଼ିକରେ ଯେଉଁଠାରେ ଛାତ୍ରଛାତ୍ରୀ ସିଧାସଳଖ ଏହି ସୁବିଧା ବ୍ୟବହାର କରନ୍ତି, ସ୍ୱତନ୍ତ୍ର ଆବଶ୍ୟକତା ଥିବା ପିଲାମାନେ ଜଳର ସୁବିଧାକୁ ସହଜରେ ବ୍ୟବହାର କରୁଛନ୍ତି କି ?
୭. ଛାତ୍ରଛାତ୍ରୀ ଉକ୍ତ ସ୍ଥାନରେ ଜଳର ବିଭିନ୍ନ ଦିଗ ଉପରେ ନଜର ରଖିପାରିବେ ଓ ଜଳ ବ୍ୟବହାର ପରିଚାଳନା କରୁଥିବା ବ୍ୟକ୍ତିଙ୍କ ସହିତ ସେମାନଙ୍କର ପ୍ରଶ୍ନ ବିଷୟରେ ମଧ୍ୟ ଆଲୋଚନା କରିପାରିବେ (ବଗିଚା କାମ, ରୋଷେଇ କାର୍ଯ୍ୟ ଇତ୍ୟାଦି) । ତା ପରେ, ପ୍ରଶ୍ନର ଉତ୍ତର ଲେଖି ସମସ୍ତ ଦଳ ଶ୍ରେଣୀଗୃହକୁ ଫେରିବେ ।




ଫେରିବା ପରେ ପ୍ରତ୍ୟେକ ଦଳ ସେମାନଙ୍କର ଉତ୍ତର ଶ୍ରେଣୀରେ ଉପସ୍ଥାପନ କରିବେ । ଏହା ପରେ ଶିକ୍ଷକ ଜଳର ବିଭିନ୍ନ ଉତ୍ସ ବିଷୟରେ ଆଲୋଚନାକୁ ସହଜ କରିବେ ଓ ଜଳ ପ୍ରଦୂଷଣ ବିଷୟରେ କହିବେ ।

**ମୁଖ୍ୟବାର୍ତ୍ତା** – ବର୍ତ୍ତମାନର ଜଳବାୟୁ ପରିବର୍ତ୍ତନ ପରିସ୍ଥିତି ଆମ ସମସ୍ତଙ୍କ ପାଇଁ ଏକ ଆହ୍ୱାନ, କାରଣ ଗ୍ରୀନ ହାଉସ୍ ଗ୍ୟାସର ପରିମାଣ ବଢ଼ିବାରେ ଲାଗିଛି, ଓଜନ ସ୍ତର ପ୍ରଭାବିତ ହୋଇଛି ଓ ବିଶ୍ୱ ଜଳବାୟୁର ଢାଞ୍ଚା ବଦଳିଛି । ଜଳବାୟୁ ପରିବର୍ତ୍ତନ ହେତୁ ଆମେ ବନ୍ୟା ପରିସ୍ଥିତି, ସମୁଦ୍ର ପତ୍ତନ ବୃଦ୍ଧି, ଜଙ୍ଗଲରେ ଅଗ୍ନିକାଣ୍ଡ ଓ ମରୁଡ଼ି ଆଦି ପରିସ୍ଥିତିର ସମ୍ମୁଖୀନ ହେଉଛୁ । ଯଦି ଆମେ ଜଳ ସଂରକ୍ଷଣ କରୁ, ତେବେ ଆମେ ମଧ୍ୟ ଆମର ପରିବେଶକୁ ସୁରକ୍ଷା ଦେଇ ଜଳ ଓ ପରିମଳ ପରିବହନ ଓ ବିଶୋଧନରୁ ଅଙ୍ଗାରକାମ୍ଳ ନିର୍ଗମନକୁ ହ୍ରାସ କରି ଜଳବାୟୁ ପରିବର୍ତ୍ତନ ସହିତ ମୁକାବିଲା କରିପାରିବା ।

ବର୍ଷାଜଳ ଅମଳ ଓ ବର୍ଜ୍ୟଜଳର ପୁନଃବ୍ୟବହାର ଭଳି କାର୍ଯ୍ୟ ଗ୍ରହଣ କରାଯାଇପାରିବ । ଏହିପରି ଜଳ ସଂରକ୍ଷଣ, ପୁନଃ ଚକ୍ରଣ ଓ ପୁନଃବ୍ୟବହାର କରି ଆମ ତଥା ଆମର ଭବିଷ୍ୟତ ପୀଢ଼ି ପାଇଁ ସୁରକ୍ଷିତ କରିବା ।

## ଉପସଂହାର

⏰ ୨-୩ ମିନିଟ୍

କ୍ଲବ ଛାତ୍ର ପ୍ରତିନିଧି, ଶିକ୍ଷାର୍ଥୀମାନଙ୍କୁ ନିମ୍ନ ଲିଖିତ ପ୍ରଶ୍ନ ପଚାରି ଅଧିବେଶନ ଶେଷ କରିପାରିବେ–

- ତୁମେମାନେ ପରିଦର୍ଶନ କରିଥିବା ସ୍ଥାନଗୁଡ଼ିକରେ ଜଳର ଉତ୍ତମ ପରିଚାଳନା ପାଇଁ କ'ଣ ସୁପାରିଶ କରିଥିଲ ?
- ସେହି ସ୍ଥାନଗୁଡ଼ିକରେ ବର୍ଜ୍ୟଜଳ କିପରି ପୁନଃ ବ୍ୟବହାର ହୋଇପାରିବ ସେଥିପାଇଁ ତୁମର ଧାରଣା ସମସ୍ତଙ୍କ ସହ ଅଂଶୀଦାର କରିପାରିବ କି ?

| ଅଧିବେଶନ-୧୨ | ଅଧିବେଶନ କୋଡ୍ | ଅବଧି |
| --- | --- | --- |
| ତାପ ଓ ତାପମାତ୍ରା<br>(ବାଷ୍ପୀଭବନକୁ ପ୍ରଭାବିତ କରୁଥିବା କାରକ) | ୦୧୨ | ୪୫ ମିନିଟ୍ |

## ଉଦ୍ଦେଶ୍ୟ

ଶିକ୍ଷାର୍ଥୀମାନେ :

- ବାଷ୍ପୀଭବନକୁ ପ୍ରଭାବିତ କରୁଥିବା କାରକ – ନାମ କହିବେ
- କାରକଗୁଡିକ ବାଷ୍ପୀଭବନକୁ ପ୍ରଭାବିତ କରିବାର ପରୀକ୍ଷଣ କରି ଦର୍ଶାଇବେ
- ତଥା ଲବ୍ଧଜ୍ଞାନକୁ ପ୍ରୟୋଗ କରି ସମ୍ପର୍କିତ ସମସ୍ୟା ସମାଧାନ କରିବେ ।
- ପ୍ରକଳ୍ପ ପ୍ରସ୍ତୁତ କରିବା ଶିଖିବେ

## ବାଷ୍ପୀଭବନକୁ ପ୍ରଭାବିତ କରୁଥିବା କାରକ ଗୁଡ଼ିକୁ ଚିହ୍ନଟ

### ଆବଶ୍ୟକ ଉପକରଣ

- କାଗଜ
- ସ୍କେଚପେନ୍

### ପୂର୍ବ ପ୍ରସ୍ତୁତି


- ଶିକ୍ଷକ କାଗଜ ଚିରିକୁଟିରେ ବାଷ୍ପୀଭବନ ସଂପର୍କିତ ଶବ୍ଦ ଲେଖି ରଖିଥିବେ ।

## ସକ୍ରିୟାତ୍ମକ କାର୍ଯ୍ୟ (ଆସ ମିଳିମିଶି ଖେଳିବା)

**"କୁହ ଭାଇ କ'ଣ କାହା ହାତରେ କ'ଣ"**

ଶିକ୍ଷକ ଶ୍ରେଣୀର ସମସ୍ତ ଶିକ୍ଷାର୍ଥୀଙ୍କୁ ଗୋଲେଇରେ ଛିଡ଼ା କରାଇ କାଗଜ ଚିରିକୁଟିରେ ଲେଖାଥିବା ପୂର୍ବ ଜ୍ଞାନ ଆଧାରିତ ଶବ୍ଦମାନ କହିବେ । ଶିକ୍ଷକଙ୍କ ସୂଚନା ଅନୁସାରେ ଶିକ୍ଷାର୍ଥୀମାନେ ଜଣକ ହାତକୁ ଜଣେ ଚିରିକୁଟି ଗୁଡ଼ିକ ବଢାଇ ଦେବା ସଙ୍ଗେ ସଙ୍ଗେ ଏକା ତାଳରେ "କୁହ ଭାଇ କଣ କାହା ହାତରେ କ'ଣ" କହିବାକୁ କହିବେ । ଶିକ୍ଷକ ଯାହାକୁ ନିର୍ଦ୍ଦେଶ ଦେବେ (ବଲ୍ ପକାଇବେ)ସେ ଶିକ୍ଷାର୍ଥୀ ପାଇଥିବା ଚିରିକୁଟିରେ ଲେଖାଥିବା ଶବ୍ଦର ଅର୍ଥ ନିଜ ଭାଷାରେ କହିବେ । ଯଦି ଭୁଲ୍ କୁହନ୍ତି ତେବେ ଅନ୍ୟ ସହପାଠୀ ଓ ଶିକ୍ଷକଙ୍କ ସହାୟତାରେ ଠିକ୍ ଉତ୍ତର କହିବେ ଏହି ପରି ୭ ରୁ ୮ ମିନିଟ୍ ଖେଳ ଚାଲିବ ।

**ଚିରିକୁଟିରେ ଲେଖାଥିବା ଶବ୍ଦ**



## ଦଳଗଠନ ଓ ପରୀକ୍ଷଣ

ଶିକ୍ଷକ ଶିକ୍ଷାର୍ଥୀମାନଙ୍କୁ ଚାରୋଟି ଦଳରେ ବିଭକ୍ତ କରିବେ । ଦଳଗତ କାର୍ଯ୍ୟର ଉଦ୍ଦେଶ୍ୟ ବୁଝାଇ ଆବଶ୍ୟକୀୟ ଉପକରଣ ଦେଇ ପରୀକ୍ଷଣ କରିବା ସହ ପର୍ଯ୍ୟବେକ୍ଷଣ ଫର୍ଦ୍ଦ ପୂରଣ କରିବାକୁ କହିବେ । ଏଥିସହ ନିଜେ ପ୍ରକ୍ରିୟା ଭିତ୍ତିକ ମୂଲ୍ୟ ନିର୍ଦ୍ଧାରଣ ଫର୍ଦ୍ଦ ଧରି ପ୍ରତ୍ୟେକ ଶିକ୍ଷାର୍ଥୀଙ୍କର ପରୀକ୍ଷା ଅଂଶ ଗ୍ରହଣ ଓ ପରୀକ୍ଷା ପରିଚାଳନା ମାନ ନିର୍ଦ୍ଧାରଣ ସହ ଆବଶ୍ୟକୀୟ ସହାୟତା କରିବେ ।

| ଦଳ ସଂଖ୍ୟା | ଦଳଗତ ପରୀକ୍ଷଣ ଉଦ୍ଦେଶ୍ୟ | ଆବଶ୍ୟକୀୟ ଉପକରଣ | ପରୀକ୍ଷଣ ପାଇଁ ସୂଚନା | ପର୍ଯ୍ୟବେକ୍ଷଣ କରିବାର ଦିଗ | ଏପରି କାହିଁକି ହେଲା ଆଲୋଚନା କରି ଲେଖ |
|---|---|---|---|---|---|
| ଦଳ ୧ | ବାଷ୍ପୀଭବନ ଉପରେ ପୃଷ୍ଠତଳ କ୍ଷେତ୍ରଫଳର ପ୍ରଭାବ | ଡ୍ରପର, ୱାଚ୍ ଗ୍ଲାସ୍, ଚଟକା ପ୍ଲେଟ୍, ପାଣି | ଗୋଟିଏ ୱାଚ୍ ଗ୍ଲାସ ଓ ଗୋଟିଏ ଚିନାମାଟି ପ୍ଲେଟ ନେଇ ଉଭୟ ପାତ୍ରରେ କେଇ ବୁନ୍ଦା ପାଣି ନେଇ ଫ୍ୟାନ ତଳେ ରଖାଯାଉ | ଦୁଇ ପାତ୍ରରେ ଥିବା ପାଣିର ପରିମାଣରେ କଣ ପରିବର୍ତ୍ତନ ହେଲା | |
| ଦଳ ୨ | ତାପମାତ୍ରା ବାଷ୍ପୀଭବନକୁ ପ୍ରଭାବିତ କରେ | ଦୁଇଟି ଏକ ଆକୃତିର ଆଲୁମିନିୟମ ଗିନା, ପାଣି ମହମବତୀ | ଦୁଇଟି ଏକ ପ୍ରକାର ଆଲୁମିନିୟମ ପାତ୍ରରେ ସମାନ ପରିମାଣର ଅଳ୍ପ ପାଣିନେଇ ଗୋଟିଏକୁ ଗରମ କର ଅନ୍ୟଟିକୁ ଖାଲି ରଖ | ଦୁଇଟି ପାତ୍ରରେ ଜଳର ପରିମାଣରେ କ'ଣ ପରିବର୍ତ୍ତନ ହେଲା | |
| ଦଳ ୩ | ବାଷ୍ପୀଭବନ ଉପରେ ଆର୍ଦ୍ରତାର ପ୍ରଭାବ | ଦୁଇଟି ଶୁଖିଲା ସ୍ପଞ୍ଜ ଖଣ୍ଡ, ୱାଚ୍ ଗ୍ଲାସ ଓ କିଛି ତରଳ ରଙ୍ଗ | ଗୋଟିଏ ସ୍ପଞ୍ଜକୁ ପାଣି ଛିଞ୍ଚି ଓଦା କରାଯାଉ । ଅନ୍ୟଟି ଶୁଖିଲା ରହିବ । ଦୁଇଟିକୁ ୱାଚ୍ ଗ୍ଲାସରେ ନେଇଥିବା ତରଳ ରଙ୍ଗ ଉପରେ ରଖ | ପରୀକ୍ଷଣ ପରେ କଣ ଦେଖିଲ, କେଉଁ ସ୍ପଞ୍ଜଟି ଅଧିକ ରଙ୍ଗ ଶୋଷଣ କଲା | |
| ଦଳ ୪ | ବାୟୁ ପ୍ରବାହ ଦ୍ୱାରା ବାଷ୍ପୀଭବନ ପ୍ରଭାବିତ ହୁଏ | ଦୁଇଟି ଏକ ଆକୃତିର ଚିନା ପ୍ଲେଟ୍, ପାଣି ଡ୍ରପର | ପ୍ରତି ପ୍ଲେଟରେ କେଇ ବୁନ୍ଦା ପାଣି ନେଇ ଗୋଟିଏକୁ ଚାଲୁଥିବା ଫ୍ୟାନ ତଳେ ଓ ଅନ୍ୟଟିକୁ ଫ୍ୟାନଠାରୁ ଦୂରେଇ ରଖ | କ'ଣ ଦେଖିଲ କେଉଁ ପ୍ଲେଟର ପାଣି ଶୁଖିଗଲା | |

ଶିକ୍ଷକ ପ୍ରତ୍ୟେକ ଦଳକୁ ଯାଇ ଆବଶ୍ୟକ ସ୍ଥଳେ ସହାୟତା ଦେବେ । ପ୍ରତିଦଳର ପର୍ଯ୍ୟବେକ୍ଷଣକୁ ଉଦ୍ଦେଶ୍ୟମୁଖୀ କରିବେ ।

- ସିଦ୍ଧାନ୍ତ ନିରୂପଣରେ ଶିକ୍ଷାର୍ଥୀଙ୍କୁ ସହାୟତା କରିବେ ।

**ଶିକ୍ଷାର୍ଥୀଙ୍କ ପରୀକ୍ଷଣ ସମୟରେ ଶିକ୍ଷକଙ୍କ ପ୍ରକ୍ରିୟା ଭିତ୍ତିକ ମାନନିର୍ଦ୍ଧାରଣ**

| ଦଳ ସଂଖ୍ୟା | ଶିକ୍ଷକଙ୍କ ସୂଚନାନୁସାରେ ଉପକରଣ ସଜାଡ଼ିଥିଲେ | ପର୍ଯ୍ୟବେକ୍ଷଣ ଫର୍ଦ୍ଦର ଦିଗକୁ ଦୃଷ୍ଟିରେ ରଖି ପର୍ଯ୍ୟବେକ୍ଷଣ କରୁଥିଲେ | ଆବଶ୍ୟକ ସ୍ଥଳେ ନିଜ ନିଜ ଭିତରେ ଆଲୋଚନା କରୁଥିଲେ | ଦଳଗତ କାର୍ଯ୍ୟରେ ଅଧିକ ଆଗ୍ରହ ପ୍ରକାଶ କରୁଥିବା ଶିକ୍ଷାର୍ଥୀ | ସବୁଠାରୁ କମ୍ ସମ୍ପୃକ୍ତ ଥିବା ଶିକ୍ଷାର୍ଥୀ | ବୈଜ୍ଞାନିକ ପଦ୍ଧତି ଅବଲମ୍ବନ କରୁଥିଲେ | ସିଦ୍ଧାନ୍ତୀକରଣ କରିଥିଲେ |
|---|---|---|---|---|---|---|---|
| ୦୧ | | | | | | | |
| ୦୨ | | | | | | | |
| ୦୩ | | | | | | | |
| ୦୪ | | | | | | | |
| ୦୫ | | | | | | | |

**ଦଳଗତ ବିବରଣୀ ଗୃହରେ ଉପସ୍ଥାପନ ଓ ଶିକ୍ଷକଙ୍କ ସଂକ୍ଷେପଣ**

**ପ୍ରଶ୍ନ -୧ : କେଉଁଟି ଅଲଗା**

(କ) ବାଷ୍ପୀଭବନକୁ ପ୍ରଭାବିତ କରୁଥିବା କେଉଁଟି ଏକ କାରକ ନୁହେଁ

(ତାପମାତ୍ରା , ଆଲୋକ, ବାୟୁଚଳାଚଳ, ପୃଷ୍ଠ କ୍ଷେତ୍ରଫଳ)

(ଖ) ତାପମାତ୍ରା ବୃଦ୍ଧିରେ ବାଷ୍ପୀକରଣ ହାର ବୃଦ୍ଧି ହୋଇଥାଏ । ତାର ଏକ ଉଦାହରଣ ...................

(ଗରମ କ୍ଷୀରିକୁ ପ୍ଲେଟରେ ଢାଳିବା, ପାଣିକୁ ଫୁଟାଇବା, ଗ୍ୟାସ ଜାଳି ରୋଟି ତିଆରି କରିବା, ଖରାଦିନେ ଦେହରୁ ଝାଳ ବୋହିବା )

**ପ୍ରଶ୍ନ-୨ :** ଭୁଲଥିଲେ ଠିକ୍ କର (ରେଖାଙ୍କିତ ପଦକୁ ନ ବଦଳାଇ)

(କ) <u>ତାପମାତ୍ରା ବୃଦ୍ଧି</u> ପାଇଲେ ତରଳ ଅଣୁର ଗତିଜ ଶକ୍ତି ହ୍ରାସ ପାଏ ।

(ଖ) ବାୟୁରେ ଅଧିକ ଜଳୀୟବାଷ୍ପ ରହିଲେ <u>ପବନର ବେଗ</u> ବୃଦ୍ଧି ପାଏ ।

(ଗ) ଓଦା ଗାମୁଛାକୁ ଖୋଲି ଶୁଖାଇଲେ <u>ବାଷ୍ପୀଭବନରେ</u> କୌଣସି ପରିବର୍ତ୍ତନ ହୁଏ ନାହିଁ ।

**ପ୍ରଶ୍ନ -୩: ଶୂନ୍ୟସ୍ଥାନ ପୂରଣ କର ।**

(କ) ବାଷ୍ପୀଭବନ ଆଧାରିତ ଦୈନନ୍ଦିନ ଜୀବନର ଗୋଟିଏ ଉଦାହରଣ ...................

(ଖ) ଗରମ ଚାକୁ ଫୁଙ୍କି ପିଇବା ବାଷ୍ପୀ ଭବନର ................... କାରକ ।

(ଗ) ପରୀକ୍ଷଣ ସମୟରେ ଓଦା ସ୍ପଞ୍ଜରେ ଆର୍ଦ୍ରତା ................... ହେବାରୁ ଶୁଖିଲା ସ୍ପଞ୍ଜ ପରି ପାଣି ଶୋଷିଲା ନାହିଁ ।

## ଗୃହ କାର୍ଯ୍ୟ

ତୁମ ଘରେ ବାଷ୍ପୀକରଣକୁ ପ୍ରଭାବିତ କରୁଥିବା କାରକ ଆଧାରିତ ଘଟଣାଗୁଡ଼ିକର ଉଦାହରଣ ଦିଅ ।

ଉପରୋକ୍ତ ବାଷ୍ପୀକରଣକୁ ପ୍ରଭାବିତ କାରକ –ଶୀର୍ଷକ ଆଧାରିତ ପ୍ରକଳ୍ପ କାର୍ଯ୍ୟ ଏକ ଆବଶ୍ୟକୀୟ ପଦକ୍ଷେପ । ଲବ୍ଧ ଜ୍ଞାନକୁ ପୋଥି ବାଇଗଣ କରି ନ ରଖି ବାଡ଼ି ବାଇଗଣରେ ପରିଣତ କରିବାର ସୁଯୋଗ ସୃଷ୍ଟି କଲା, ଯାହା ବର୍ତ୍ତମାନ ପରିପ୍ରେକ୍ଷୀରେ ଶିକ୍ଷାବିତ୍ ବ୍ଲୁମ୍‌ଙ୍କ ଶିକ୍ଷଣ ଲକ୍ଷ୍ୟ ପରିସର ମଧ୍ୟରୁ  ଭାବାତ୍ମକ ଓ ମନଃ କ୍ରିୟାତ୍ମକ ପରିସରକୁ ପରିପୃଷ୍ଟ ଅନେକାଂଶରେ କରେଇବା ସହ ଶିକ୍ଷାର୍ଥୀମାନଙ୍କୁ ଆଗକୁ ବଢ଼ିବାର ଉତ୍ସାହ ଓ ଉଦ୍ଦୀପନା ଜାହିର କରିଥିଲା ।

| ଅଧିବେଶନ-୧୩ | ଅଧିବେଶନ କୋଡ୍ | ଅବଧି |
|---|---|---|
| **ଶକ୍ତି ସଂରକ୍ଷଣ** | ୦୧୩ | ୪୫ ମିନିଟ୍ |

## ପୂର୍ବ ପାଠର ପୁନରାବୃତ୍ତି — ୫ ମିନିଟ୍

ଶିକ୍ଷକ ପୂର୍ବ ଅଧିବେଶନ ସହ ଏହି ଅଧିବେଶନର କଣ ସମ୍ପର୍କ ରହିଛି କହିବେ।

## ଉଦ୍ଦେଶ୍ୟ

ପିଲାମାନଙ୍କୁ ଶକ୍ତି ଉତ୍ସ, ନବୀକରଣଅଯୋଗ୍ୟ ଶକ୍ତିର ସଂରକ୍ଷଣର ଆବଶ୍ୟକତା, ଶକ୍ତି ଅପଚୟ ବିଶ୍ଳେଷଣ ଓ ବ୍ୟକ୍ତିଗତ ଭାଗିଦାରୀ ବିଷୟରେ ଜ୍ଞାନ ଯୋଗାଇବା।

## ଶକ୍ତିର ପ୍ରକାର ଓ ବ୍ୟବହାର ବିଷୟରେ ଧାରଣା:-

### ଆବଶ୍ୟକ ଉପକରଣ

- ହ୍ୱାଇଟ୍ ବୋର୍ଡ, ପେନ୍, ପେପର, ଡ୍ରଇଂସିଟ୍

### ପୂର୍ବ ପ୍ରସ୍ତୁତି

- ମୁଖ୍ୟ ବିଷୟବସ୍ତୁକୁ ଆସିବା ପୂର୍ବରୁ ପିଲାମାନଙ୍କୁ କିଛି ପ୍ରଶ୍ନ ପଚାରି ତାଙ୍କର ଧ୍ୟାନ କେନ୍ଦ୍ରିତ କରିବାକୁ ଚେଷ୍ଟା କରାଯିବ ଓ କାର୍ଯ୍ୟକ୍ରମ ଶେଷରେ ତାଙ୍କୁ ବାହ୍ୟ କାର୍ଯ୍ୟ ପାଇଁ କିଛି ଦାୟିତ୍ୱ ଦିଆଯିବ।

## ବିଷୟ ଆଲୋଚନା

**ପ୍ରଶ୍ନ :** ଆଜି କ'ଣ ଖାଇଛ ? ଏକୁଟିଆ ବସି ଖାଇଲ ନା ପରିବାର ସହିତ ? ରୋଷେଇ କେମିତି ହୁଏ ? ଘରୁ ଆସିଲାବେଳେ ତୁମ ରୁମରେ ଲାଇଟ୍ ଫ୍ୟାନ ବନ୍ଦ କରିଛ ନା ନାହିଁ ? ସାଇକେଲ, ଗାଡ଼ି, ବସ୍, କାର୍, ନା ଅଟୋ କେଉଁଥିରେ ଆସିଲ ? ଏସବୁ ପଛରେ କୌଣସି ଶକ୍ତି କାମ କରୁଛି କି ? ତାହାଲେ ତାଲିକା ପ୍ରସ୍ତୁତ କର କେଉଁ ସବୁ ଶକ୍ତି କାମ କରୁଛି । ସକଳ ଶକ୍ତିର ଆଧାର ହେଉଛନ୍ତି ସୂର୍ଯ୍ୟ।

ଏହା ମଧ୍ୟରୁ କେଉଁ ଗୁଡ଼ିକ ନବୀକରଣଅଯୋଗ୍ୟ ଶକ୍ତି ଓ କେଉଁଟି ନବୀକରଣଯୋଗ୍ୟ ଶକ୍ତି ତାକୁ ପିଲାଙ୍କ ଦ୍ୱାରା ଭାଗ କର।

ଏହାପରେ ଶିକ୍ଷକ ନବୀକରଣଅଯୋଗ୍ୟ ଶକ୍ତି ଓ ନବୀକରଣଯୋଗ୍ୟ ଶକ୍ତି ବିଷୟରେ ବିସ୍ତୃତ ଭାବେ ବୁଝାଇବେ । ନବୀକରଣଅଯୋଗ୍ୟ ଶକ୍ତି ଉତ୍ସର ସମ୍ବଳ କେତେ, କେତେଦିନ ଆମ ପାଇଁ ଗଚ୍ଛିତ, ଏହାର ସଂରକ୍ଷଣ କାହିଁକି ଆବଶ୍ୟକ ତାହା ଆଲୋକପାତ କରିବେ । କିପରି ସଂରକ୍ଷଣ କରିପାରିବେ ତାହାର ଉଦାହରଣ ଦେବେ। ସଂରକ୍ଷଣ ଛଡ଼ା ସେ ବିକଳ୍ପ ଶକ୍ତିର ବ୍ୟବହାର ସମ୍ବନ୍ଧରେ କିଛି ଧାରଣା ଦେବେ।

ଏହାପରେ ପିଲାଙ୍କୁ ଘରେ ବ୍ୟବହାର ହେଉଥିବା ବିଭିନ୍ନ କାର୍ଯ୍ୟରେ କେତେ ବିଦ୍ୟୁତ ଶକ୍ତି (ଫ୍ୟାନ, ବିଭିନ୍ନ କ୍ଷମତା ବିଶିଷ୍ଟ ବଲ୍‌ବ, ଫ୍ରିଜ୍, ଲୁଗାସଫା ଯନ୍ତ୍ର), ଗ୍ୟାସ୍, ପେଟ୍ରୋଲ୍, ଡିଜେଲ୍, କୋଇଲା, କାଠ ଇତ୍ୟାଦିର ମାସିକ ହିସାବ ପିଲାଙ୍କ ଦ୍ୱାରା ତାଲିକା ପ୍ରସ୍ତୁତ କରିବେ, ସମସ୍ତଙ୍କ ହାରାହାରି ହିସାବ ଶିକ୍ଷକ ବୋର୍ଡରେ ଲେଖିବେ। ତା ପରେ ବାର୍ଷିକ ହିସାବ, ଜନସଂଖ୍ୟାକୁ ନେଇ ହିସାବ ଓ ପ୍ରାକୃତିକ ଶକ୍ତି ଗଚ୍ଛିତ ସମ୍ପଦ ଅନୁସାରେ କେତେଦିନ ଆମ ପାଇଁ ଉପଲବ୍ଧ ହେବ ତାର ଆକଳନ କରିବେ। ପିଲାମାନଙ୍କ ଦ୍ୱାରା କିଛି ଲିଷ୍ଟ ତିଆରି କରିବେ ପ୍ରତ୍ୟେକ କାର୍ଯ୍ୟରେ କଣ କଣ ବିକଳ୍ପ ବା ପଦ୍ଧତି ଆପଣେଇଲେ ଏହାର ବ୍ୟବହାର କମ କରିପାରିବା ଓ

କେତେ ସମ୍ପଦକୁ ସଞ୍ଚି ପାରିବା । ଓଡ଼ିଶାରେ ଅନେକ ସ୍କୁଲ ରହିଛି, ଯେଉଁଠାରେ ପ୍ରତି ମାସରେ ସଂରକ୍ଷଣ ପଦକ୍ଷେପ ଗ୍ରହଣ କରି ବିଦ୍ୟୁତ ଶକ୍ତି ବ୍ୟବହାରକୁ ହ୍ରାସ କରାଯାଇପାରୁଛି ଏବଂ ଅନ୍ୟମାନଙ୍କୁ ସଚେତନ କରୁଛନ୍ତି । କିଛି ସ୍କୁଲର ଉଦାହରଣ ଦେଇପାରିବେ ।

## ଗୃହ କାର୍ଯ୍ୟ

ପିଲାମାନଙ୍କୁ ନିଜ ଘର ଓ ପଡ଼ିଶା ଘରର ଏହିଭଳି ଚିଠା ତିଆରି କରିବା ପାଇଁ କିଛି ସର୍ବେକ୍ଷଣ କାର୍ଯ୍ୟ ଦେଇପାରିବେ । ଏକ ଚିଠାର ନମୁନା ପିଲାଙ୍କୁ ଦିଆଯିବ । ଯିଏ ଯେତେ ବେଶୀ ଏଭଳି ତଥ୍ୟ ଆଣିବ ଓ ନିଜ ଘରର ପ୍ରତିମାସର ତଥ୍ୟ ସକାରାତ୍ମକ ହେଲେ ତାର କାର୍ଯ୍ୟଦକ୍ଷତା ସେତିକି ଭଲ ବୋଲି ବିଚାରକୁ ନିଆଯାଇପାରେ ।

| ଶକ୍ତି ଉତ୍ସ | ଉପକରଣ (କ୍ଷମତା ସହିତ) | ସଂଖ୍ୟା | ମାସକୁ ହାରାହାରି ବ୍ୟବହାର | ମାସକୁ କେତେ ୟୁନିଟ୍ ବ୍ୟବହାର (କ୍ଷମତା x ମୋଟ ଘଣ୍ଟା ବ୍ୟବହାର), (ଇନ୍ଧନ କ୍ଷେତ୍ରରେ କେବଳ ଲିଟର ବା କିଲୋଗ୍ରାମ ବ୍ୟବହାରର ପ୍ରତିମାସ ହିସାବ କରିପାରିବେ) |
|---|---|---|---|---|
| **ବିଦ୍ୟୁତ ଶକ୍ତି** | • ବଲବ ୧୫ ୱାଟ୍<br>• ବଲବ ୪୦ ୱାଟ୍<br>• ବଲ୍‌ବ ୬୦ ୱାଟ୍<br>• ବଲ୍‌ବ ୧୦୦ ୱାଟ୍<br>• ଫ୍ୟାନ୍ ୫୦ ୱାଟ୍<br>• ଏ.ସି ୧୦୦୦ ୱାଟ୍<br>• କୁଲର୍ ୫୦୦ ୱାଟ୍<br>• ଟିଭି ୪୦ ୱାଟ୍<br>• କମ୍ପ୍ୟୁଟର ୫୦ ୱାଟ୍<br>• ଫ୍ରିଜ୍ ୫୦ ୱାଟ୍<br>• ଲାପଟପ୍ ୧୫ ୱାଟ୍<br>• ଲୁଗା କଚା ଯନ୍ତ୍ର ୭୫୦ ୱାଟ୍ | | | |
| **ଇନ୍ଧନ** | • ପେଟ୍ରୋଲ୍ (ଲିଟର)<br>• ଡିଜେଲ୍ (ଲିଟର)<br>• ଗ୍ୟାସ୍ (କିଲୋଗ୍ରାମ)<br>• କାଠ (କିଲୋଗ୍ରାମ)<br>• କୋଇଲା (କିଲୋଗ୍ରାମ) | | | |
| | | | | |
| | | | | |
| | | | | |

**ଶିକ୍ଷଣୀୟ –** ପିଲାମାନେ ଶକ୍ତି ସଂରକ୍ଷଣ ସମ୍ବନ୍ଧରେ ବୁଝିଲେ ଓ ନିଜ ବ୍ୟକ୍ତିଗତ ଜୀବନଶୈଳୀରେ ପରିବର୍ତ୍ତନ ଦ୍ୱାରା ଏହା ବଡ଼ ପରିବର୍ତ୍ତନ ଆଣିପାରିବ ବୋଲି ଶିଖିଲେ ।

| ଅଧିବେଶନ-୧୪ | ଅଧିବେଶନ କୋଡ୍ | ଅବଧି |
|---|---|---|
| ଆମର ଚତୁର୍ଦ୍ଦିଗରେ ଜଳବାୟୁ ପରିବର୍ତ୍ତନର ପ୍ରଭାବ ଅନୁସନ୍ଧାନ | ୦୧୪ | ୪୫ ମିନିଟ୍ |

## ପୂର୍ବ ପାଠର ପୁନରାବୃତ୍ତି (୫ ମିନିଟ୍)

ପୂର୍ବ ଅଧିବେଶନରେ କଣ ପଢିଥିଲେ ସମ୍ୟକ ଆଲୋଚନା କରିବେ ।

## ଉଦ୍ଦେଶ୍ୟ

- ବିଦ୍ୟାଳୟର ଶିକ୍ଷାର୍ଥୀଙ୍କ ମଧ୍ୟରେ ଜଳବାୟୁ ପରିବର୍ତ୍ତନ ଉପରେ ସଚେତନତା ସୃଷ୍ଟି କରିବା ଓ ଏହାକୁ ସେମାନଙ୍କ ଦୈନନ୍ଦିନ ଜୀବନ ସହିତ ଯୋଡ଼ିବା ।
- ପିଲାମାନଙ୍କର ଉପସ୍ଥାପନା ଦକ୍ଷତା ବୃଦ୍ଧି ହେବ

## ଜଳବାୟୁ ପରିବର୍ତ୍ତନର ପ୍ରଭାବ

### ଆବଶ୍ୟକ ଉପକରଣ

- ପିଲାମାନଙ୍କ ଦ୍ୱାରା ପ୍ରସ୍ତୁତ ଜଳବାୟୁ ପରିବର୍ତ୍ତନ ଉପରେ ଡକ୍ୟୁମେଣ୍ଟାରୀ ଲିଙ୍କ୍ , ଫଟୋ
- କାଗଜ ଓ ପେନ୍

### ପୂର୍ବ ପ୍ରସ୍ତୁତି

- ଶିକ୍ଷକ ଜଳବାୟୁ ପରିବର୍ତ୍ତନ ସମ୍ବନ୍ଧୀୟ ୩-୪ ଟି ଭିଡିଓ ଚିତ୍ର ସଂଗ୍ରହ କରିବେ ଓ ଶ୍ରେଣୀରେ ଶିକ୍ଷାର୍ଥୀମାନଙ୍କୁ ଦେଖାଇବେ ।

## ପ୍ରସଙ୍ଗ ଉପରେ ଆଲୋଚନା (୧୫ ମିନିଟ୍)

**ଶିକ୍ଷକଙ୍କ ପାଇଁ ସୂଚନା**

ଶିକ୍ଷକ ଶ୍ରେଣୀରେ ଛାତ୍ରମାନଙ୍କୁ ୩-୪ଟି ଦଳରେ ବିଭକ୍ତ କରିବେ । ପ୍ରତ୍ୟେକ ଦଳର ଦଳପତି ନିର୍ବାଚନ କରିବେ । ପ୍ରତ୍ୟେକ ଦଳକୁ ଜଳବାୟୁ ପରିବର୍ତ୍ତନର ପ୍ରଭାବ ବଣ୍ଟନ କରାଯିବ ଓ ଏହାର କାରଣ, ପ୍ରଭାବ ଏବଂ ପ୍ରଭାବ କମ୍ କରିବା ପାଇଁ ଉପାୟମାନ ନିର୍ଦ୍ଧାରଣ କରିବେ ଓ ଶ୍ରେଣୀରେ ଉପସ୍ଥାପନ କରିବେ ।

ଜଳବାୟୁ ପରବର୍ତ୍ତନ ପାଇଁ ଏକ କ୍ୱିଜ୍ କିମ୍ବା ଡିବେଟ୍ ଆୟୋଜନ କରାଯାଇପାରିବ ।

## ମୁଖ୍ୟ କାର୍ଯ୍ୟ

**ପ୍ରଶ୍ନ – ଉତ୍ତର କାର୍ଯ୍ୟକ୍ରମ**

ଶିକ୍ଷକ ପ୍ରଥମେ ଶ୍ରେଣୀରେ ଆଲୋଚନା କରିବେ ଓ ଜଳବାୟୁ ପରିବର୍ତ୍ତନ ସମ୍ପର୍କିତ ଭିଡିଓ କିମ୍ବା ଫଟୋ ସ୍ମାର୍ଟ ବୋର୍ଡ/ ପ୍ରୋଜେକ୍ଟରରେ ଶିକ୍ଷାର୍ଥୀଙ୍କୁ ଦେଖାଇବେ ।

- ଜଳବାୟୁ ପରିବର୍ତ୍ତନ କ'ଣ ?
- ତୁମର ଦୈନନ୍ଦିନ ଜୀବନରେ ତୁମେ ଜଳବାୟୁ ସମ୍ପର୍କିତ କେଉଁ ସବୁ ସମସ୍ୟା ଅନୁଭବ କର ?
- ଜଳବାୟୁ ଅନୁଯାୟୀ ବିକଳ୍ପ ଫସଲ ବୁଣାଯାଇ ପାରିବ କି, ଏ ସମ୍ପର୍କରେ ଶିକ୍ଷକ ପିଲାଙ୍କୁ ବୁଝାଇବେ ?
- ତୁମେ ଭାବୁଛ କି ଜଳର ଅଭାବ ଧୀରେ ଧୀରେ ଦେଖାଦେଉଛି ? ଜଳବାୟୁ ପରିବର୍ତ୍ତନ କୃଷକଙ୍କ ଜୀବନରେ କେଉଁ ପ୍ରକାର ପ୍ରଭାବ ପକାଇଥାଏ ?

ବର୍ତ୍ତମାନ ଶିକ୍ଷକ ଛାତ୍ରଛାତ୍ରୀଙ୍କୁ ୩-୪ଟି ଦଳରେ ବିଭକ୍ତ କରିବେ ଓ ଦଳୀୟ କାର୍ଯ୍ୟରେ ପିଲାମାନଙ୍କୁ ସହଯୋଗ କରିପାରିବେ ।

- **ଦଳ ୧ :** ବୃକ୍ଷ ଉପରେ ଜଳବାୟୁ ପରିବର୍ତ୍ତନର ପ୍ରଭାବ
- **ଦଳ ୨ :** ଜନ ସାଧାରଣଙ୍କ ଉପରେ ଜଳବାୟୁ ପରିବର୍ତ୍ତନର ପ୍ରଭାବ ଦେବେ
- **ଦଳ ୩ :** ପଶୁପକ୍ଷୀଙ୍କ ଉପରେ ଜଳବାୟୁ ପରିବର୍ତ୍ତନର ପ୍ରଭାବ ଦେବେ
- **ଦଳ ୪ :** ଜଳାଶୟ ଉପରେ ଜଳବାୟୁ ପରିବର୍ତ୍ତନର ପ୍ରଭାବ

ସମସ୍ତ ୪ ଟି ଦଳ ନିମ୍ନଲିଖିତ ପ୍ରଶ୍ନଗୁଡ଼ିକ ଉପରେ ଆଲୋଚନା କରିବେ ।

୧. ଜଳବାୟୁ ପରିବର୍ତ୍ତନ ଯୋଗୁଁ ଏହି ସମସ୍ତ ବିଷୟ ଉପରେ କଣ ପ୍ରଭାବ ପଡିଥାଏ ( ଉଦାହରଣ, ଫଟୋ ଚିତ୍ର ସହିତ ବର୍ଣ୍ଣନା କରିବେ) ?

୨. ଏହାକୁ ରୋକାଯାଇପାରିବ କି ?

୩. ତୁମେମାନେ ଏହାକୁ ରୋକିବା ପାଇଁ କଣ କରିପାରିବ ?

୪. ଏହି ସମସ୍ୟାର ଉପାୟ ମଡେଲ ପ୍ରସ୍ତୁତ କରିବେ ?

ତଥ୍ୟ ସଂଗ୍ରହ କଲା ପରେ ପିଲାମାନେ ଦ୍ୱିତୀୟ ଦିନରେ ଦଳଗତ ଭାବେ ଉପସ୍ଥାପନା କରିବେ ।

## ଉପସଂହାର

⏰ ୫ ମିନିଟ୍

କଞ୍ଚିନ ବର୍ଜ୍ୟବସ୍ତୁ ହ୍ରାସ ଓ ପୁନଃ ବ୍ୟବହାର ଜଳବାୟୁ ପରିବର୍ତ୍ତନକୁ ସଠିକ୍ କରିବାରେ ସାହାଯ୍ୟ କରେ । ଏହା ଉଭୟ ମିଥେନ ଗ୍ୟାସର ନିର୍ଗମନକୁ ହ୍ରାସ କରେ, ଶକ୍ତି ସଞ୍ଚୟ କରେ ଓ ଜଙ୍ଗଲରେ କାର୍ବନର ପରିମାଣ ବୃଦ୍ଧି କରି ଏହି ପ୍ରକ୍ରିୟା ସହିତ ଜଡ଼ିତ ଗ୍ରୀନ ହାଉସ୍ ଗ୍ୟାସ୍ ହ୍ରାସ କରେ । ମୃତ୍ତିକା କ୍ଷୟକୁ ବନ୍ଦ କରିବା ପାଇଁ ଗଛ ଲଗାଇବା, ଏହା ଆମକୁ ଛାଇ ଦେଇଥାଏ ଓ ପକ୍ଷୀମାନଙ୍କୁ ରହିବାକୁ ବାସ ଦେଇଥାଏ ।

## ଗୃହ କାର୍ଯ୍ୟ

୧. ଜଳବାୟୁ ପରିବର୍ତ୍ତନ ସମ୍ବନ୍ଧରେ ୫ଟି ସଚେତନତା ସ୍ଲୋଗାନ୍ ଲେଖି ଶିକ୍ଷକଙ୍କ ପାଖରେ ଦାଖଲ କରିବେ ।

୨. ଜଳବାୟୁ ପରିବର୍ତ୍ତନର ପ୍ରଭାବକୁ କମ୍ କରିବାର ଉପାୟମାନ ଘରେ ତଥା ପାଖ ପଡ଼ୋଶୀମାନଙ୍କୁ ବୁଝାଇବେ ।

| ଅଧିବେଶନ-୧୫ | ଅଧିବେଶନ କୋଡ୍ | ଅବଧି |
|---|---|---|
| **ପାରମ୍ପରିକ ଖାଦ୍ୟର ପୌଷ୍ଟିକତା ଓ ଏକ ସନ୍ତୁଳିତ ଖାଦ୍ୟ ଥାଳି** | ୦୧୫ | ୪୫ ମିନିଟ୍ |

## ପୂର୍ବ ପାଠର ପୁନରାବୃତ୍ତି (୫ ମିନିଟ୍)

ଶିକ୍ଷକ ବା ଶିକ୍ଷୟିତ୍ରୀ ପୂର୍ବ ଅଧିବେଶନରେ ଯାହା ଆଲୋଚନା କରିଥିଲେ ତାର ପୁନରାବୃତ୍ତି କରିବେ । ଏହା ପରେ କିଛି ଛାତ୍ରଛାତ୍ରୀଙ୍କୁ ଘରେ କଣ ଖାଇକି ଆସିଛନ୍ତି ପଚାରିବେ, ଖେଳଛୁଟିରେ କଣ ଖାଅ ପଚାରିବେ ଏବଂ ଅନ୍ୟ କେଉଁ ସବୁ ଖାଦ୍ୟ ସେମାନଙ୍କର ପ୍ରିୟ ଆଲୋଚନା କରିବେ । ଏହାସହ ଶିକ୍ଷାର୍ଥୀମାନେ ଖାଇଥିବା ବା ପସନ୍ଦ କରୁଥିବା ଖାଦ୍ୟରେ ଖାଦ୍ୟସାର ସମ୍ପର୍କରେ ସମ୍ୟକ ଆଲୋଚନା କରିବେ ।

## ଉଦ୍ଦେଶ୍ୟ

୧. ବିଭିନ୍ନ ପ୍ରକାରର ପାରମ୍ପରିକ ଖାଦ୍ୟର ନାମ ଜାଣିବେ ।

୨. ଖାଦ୍ୟରେ ଥିବା ପୌଷ୍ଟିକତା ବିଷୟରେ ଅବଗତ ହେବେ ।

୩. ସନ୍ତୁଳିତ ଖାଦ୍ୟ କାହାକୁ କୁହାଯାଏ କହିବେ ।

୪. ଏକ ସନ୍ତୁଳିତ ଖାଦ୍ୟ ଥାଳିରେ କେଉଁ ଖାଦ୍ୟ କେତେ ପରିମାଣରେ ରହିବା ଦରକାର ତାହା କହିବେ ।

୫. ଲୋପ ପାଇଯାଉଥିବା ଖାଦ୍ୟକୁ ଜାଣିବା ପାଇଁ ପିଲାମାନଙ୍କ ମନରେ ଆଗ୍ରହ ସୃଷ୍ଟି କରିବା ।

## ଫୁଲର ବିଭିନ୍ନ ଅଂଶ ଚିହ୍ନିବା

### ଆବଶ୍ୟକ ଉପକରଣ

- ହ୍ୱାଇଟ୍ ବୋର୍ଡ, ପେନ୍, ପେପର, ଚାର୍ଟ

### ପୂର୍ବ ପ୍ରସ୍ତୁତି

- ପୂର୍ବରୁ ଶିକ୍ଷାର୍ଥୀମାନଙ୍କୁ କିଛି ଶସ୍ୟ ଜାତୀୟ, ଡାଲି ଜାତୀୟ, ପରିବା ଜାତୀୟ, ଫଳ ଜାତୀୟ ଓ ଜଙ୍କ୍ ଖାଦ୍ୟ ପଦାର୍ଥ ଆଣିବାକୁ କୁହାଯିବ । ସେମାନେ ଆଣିଥିବା ଖାଦ୍ୟ ପଦାର୍ଥକୁ ନିଜ ନିଜ ଭିତରେ ବଦଳେଇ ନେବେ ।
- ଶିକ୍ଷକ ସମସ୍ତ ଖାଦ୍ୟସାରର ଉପଯୋଗିତା ଏକ ପାଇ ଚାର୍ଟ ଦ୍ୱାରା ପିଲାଙ୍କୁ ଦେଖାଇବେ ।

## ଶିକ୍ଷଙ୍କ ପାଇଁ ସୂଚନା

ସମସ୍ତ ଶିକ୍ଷାର୍ଥୀଙ୍କୁ ୫ଟି ଦଳରେ ବିଭକ୍ତ କରନ୍ତୁ ଓ ପ୍ରତ୍ୟେକ ଦଳରୁ ଜଣେ ଲେଖାଏଁ ଦଳପତି ବାଛିବେ । ଶିକ୍ଷକ ପିଲାମାନଙ୍କଠାରୁ ପ୍ରଶ୍ନ ମାଧ୍ୟମରେ ବିଭିନ୍ନ ପାରମ୍ପରିକ ଖାଦ୍ୟର ନାମ ସଂଗ୍ରହ କରିବେ ।

| ଦଳ | ଖାଦ୍ୟର ନାମ | ବିଭିନ୍ନ ପ୍ରକାରର ଖାଦ୍ୟ | ଖାଦ୍ୟସାରର ନାମ |
|---|---|---|---|
| ଦଳ- ୧ | ଶସ୍ୟ ଜାତୀୟ ଖାଦ୍ୟର ନାମ | ସେଥିରୁ ପ୍ରସ୍ତୁତ ବିଭିନ୍ନ ଖାଦ୍ୟ | ଏସବୁ ଖାଦ୍ୟରୁ ମିଳୁଥିବା ଖାଦ୍ୟସାରର ନାମ |
| ଦଳ- ୨ | ଡାଲି ଜାତୀୟ ଖାଦ୍ୟର ନାମ | ସେଥିରୁ ପ୍ରସ୍ତୁତ ବିଭିନ୍ନ ଖାଦ୍ୟ | ଏସବୁ ଖାଦ୍ୟରୁ ମିଳୁଥିବା ଖାଦ୍ୟସାରର ନାମ |
| ଦଳ-୩ | ପରିବା ଜାତୀୟ ଖାଦ୍ୟର ନାମ | ସେଥିରୁ ପ୍ରସ୍ତୁତ ବିଭିନ୍ନ ଖାଦ୍ୟ | ଏସବୁ ଖାଦ୍ୟରୁ ମିଳୁଥିବା ଖାଦ୍ୟସାରର ନାମ |
| ଦଳ-୪ | ଫଳ ଜାତୀୟ ଖାଦ୍ୟର ନାମ | ସେଥିରୁ ପ୍ରସ୍ତୁତ ବିଭିନ୍ନ ଖାଦ୍ୟ | ଏସବୁ ଖାଦ୍ୟରୁ ମିଳୁଥିବା ଖାଦ୍ୟସାରର ନାମ |
| ଦଳ-୫ | ଜଙ୍କ୍ ଖାଦ୍ୟର ନାମ | ଏହା କେଉଁଥିରୁ ପ୍ରସ୍ତୁତ | ଏସବୁ ଖାଦ୍ୟରୁ ମିଳୁଥିବା ଖାଦ୍ୟସାରର ନାମ |

## ଶିକ୍ଷକଙ୍କ କାର୍ଯ୍ୟ

**ଦଳ -୧ :**

୧. ମାଣ୍ଡିଆ ବିଷୟରେ ଜାଣିଛ କି ? ମାଣ୍ଡିଆରୁ ପ୍ରସ୍ତୁତ ଖାଦ୍ୟର ପୌଷ୍ଟିକତା ବିଷୟରେ ଶିକ୍ଷକ ବୁଝାଇବେ ।

୨. ପୋଡ଼ପିଠା କିପରି ପ୍ରସ୍ତୁତ ହୁଏ ଜାଣିଛ କି ? ପୋଡ଼ପିଠା କାହିଁକି ରଜ ସମୟରେ ପ୍ରସ୍ତୁତ କରାଯାଏ ?

୩. ମଣ୍ଡା ପିଠା କେବେ ଖାଇଛ କି ? ଏହାର ପୌଷ୍ଟିକତା ବିଷୟରେ ଶିକ୍ଷକ ବୁଝାଇବେ ।

୪. ଶ୍ୱେତସାର ଜାତୀୟ ଖାଦ୍ୟରୁ କେତେ କ୍ୟାଲୋରୀ ଶକ୍ତି ମିଳେ କହିବେ ?

**ଦଳ-୨ :**

୧. ଭାତ ସାଙ୍ଗରେ ଡାଲମା ଖାଇବାକୁ କାହାକୁ ଭଲ ଲାଗେ ?

୨. ଏଣ୍ଡୁରି ପିଠା କେଉଁ ପର୍ବରେ ପ୍ରସ୍ତୁତ କରାଯାଏ ? ଏହି ପିଠା ପାଇଁ କେଉଁ ପତ୍ର ବ୍ୟବହାର କରାଯାଏ ଓ କାହିଁକି ?

୩. ସୋୟାବିନ କାହାକୁ ଭଲ ଲାଗେ ? ଏଥିରେ କେଉଁ ଖାଦ୍ୟସାର ଅଛି ?

୪. ପୁଷ୍ଟିସାର ଜାତୀୟ ଖାଦ୍ୟର ଆବଶ୍ୟକତା ବିଷୟରେ ଶିକ୍ଷକ ବୁଝାଇବେ ।

**ଦଳ-୩ :**

୧. ସନ୍ତୁଳା ଖାଇବାକୁ କାହାକୁ ଭଲଲାଗେ ? ସନ୍ତୁଳାରେ କେଉଁ ସବୁ ପରିବା ପଡ଼େ ଜାଣିଛ ?

୨. ତମ ଘରେ ବଡ଼ମାନେ ସନ୍ତୁଳା ଖାଇବା ପାଇଁ ଭଲ ପାଆନ୍ତି କି ନାହିଁ କୁହ ।

୩. ଛୋଟ ମାଛ, ସଜନା ଛୁଇଁ ଖାଇବାକୁ, କିପରି ଲାଗେ ? ଏଥିରେ କେଉଁ ଖାଦ୍ୟସାର ଅଛି ?

୪. ପନି-ପରିବାରେ ଥିବା ଜୀବସାର ଓ ଧାତୁସାର ବିଷୟରେ ଆଲୋଚନା କରନ୍ତୁ ।

**ଦଳ -୪ :**

୧. କେତେ ଜଣ ଫଳ ସାଲାଡ୍ ଖାଇବାକୁ ଭଲ ପାଅ ?

୨. ଫଳରେ ଥିବା ଜୀବସାର ଓ ଧାତୁସାର ବିଷୟରେ ଆଲୋଚନା କରନ୍ତୁ

୩. କେଉଁ ଫଳଗୁଡ଼ିକରେ ଶ୍ୱେତସାର ଅଧିକ ରହିଥାଏ ?

୪. କେଉଁ ଫଳରେ ଜୀବସାର 'କ' ମିଳେ ?

**ଦଳ-୫ :**

୧. କେତେ ଜଣ ଜଙ୍କ୍ ଖାଦ୍ୟ ଖାଇବାକୁ ଭଲ ପାଆନ୍ତି ?

୨. ଜଙ୍କ୍ ଫୁଡର ଉପଯୋଗିତା କଣ ଅଛି ?

୩. ଜଙ୍କ୍ ଖାଦ୍ୟ ଖାଇଲେ ପାକସ୍ଥଳୀରେ ସହଜରେ ହଜମ ହୁଏ କି ?

୪. ଜଙ୍କ୍ ଖାଦ୍ୟ ଖାଇଲେ କେଉଁ ସବୁ ରୋଗ ହେବାର ସମ୍ଭାବନା ଅଛି ?

ଶେଷରେ ଏକ ସନ୍ତୁଳିତ ଖାଦ୍ୟଥାଳି ସମ୍ପର୍କରେ ଆଲୋଚନା କରିବେ ।

**ଆମେ କ'ଣ ଶିଖିଲେ:-**

୧. ଏମାନଙ୍କ ମଧ୍ୟରୁ କେଉଁଟି ପାରମ୍ପରିକ ଖାଦ୍ୟ ନୁହେଁ ?

(କ) ପିଜା (pizza) (ଖ)ମଣ୍ଡା ପିଠା (ଗ) ମାଣ୍ଡିଆ ଜାଉ (ଘ) ଏଣ୍ଡୁରି ପିଠା

୨. ଏକ ସନ୍ତୁଳିତ ଖାଦ୍ୟ ଥାଳିରେ କେଉଁ ଖାଦ୍ୟ ରହିବା ଉଚିତ ନୁହେଁ ?

(କ) ଭାତ (ଖ) ରୁଟି (ଗ) କୁରକୁରି (ଘ) ଡାଲମା

୩. କେଉଁଟି ଜଙ୍କ୍ ଖାଦ୍ୟ ଗୋଷ୍ଠୀରେ ଅନ୍ତର୍ଭୁକ୍ତ ନୁହେଁ ?

(କ) ବର୍ଗର (ଖ) କେକ୍ (ଗ) ସିମେଇଁ (ଘ) ସାଣ୍ଡୱିଚ୍

୪. ୧ ଗ୍ରାମ ଶ୍ୱେତସାର ଜାତୀୟ ଖାଦ୍ୟରୁ କେତେ କିଲୋ ଜୁଲ ଶକ୍ତି ମିଳେ ?

(କ) ୬ (ଖ) ୧୬ (ଗ) ୧୨ (ଘ) ୧୦

## ଗୃହ କାର୍ଯ୍ୟ

୧. ଅଂଶଗ୍ରହଣକାରୀ ନିଜର ଜେଜେ, ଜେଜେ ମାଙ୍କ ଠାରୁ ତାଙ୍କ ସମୟରେ ଖାଉଥିବା ଖାଦ୍ୟର ଏକ ଫର୍ଦ୍ଦ ପ୍ରସ୍ତୁତ କରିବେ ।

୨. ମାଣ୍ଡିଆରେ ପ୍ରସ୍ତୁତ ଖାଦ୍ୟ ଖାଇବା ପାଇଁ ନିଜ ଘର ସଦସ୍ୟ ଓ ପାଖ ପଡୋଶୀଙ୍କୁ ସଚେତନ କରାଇବେ ।

୩. ଜଙ୍କ୍ ଖାଦ୍ୟ ନଖାଇବା ପାଇଁ ନିଜେ ସଚେତନ ହେବେ ଓ ସାଙ୍ଗମାନଙ୍କୁ ସଚେତନ କରାଇବେ ।

୪. ଜଙ୍କ୍ ଖାଦ୍ୟର ବିକଳ୍ପ ଖାଦ୍ୟ ରୂପେ କଣ ସବୁ କରାଯାଇପାରିବ ତାଲିକା ପ୍ରସ୍ତୁତ କର ।

| ଅଧିବେଶନ-୧୬ | ଅଧିବେଶନ କୋଡ୍ | ଅବଧି |
|---|---|---|
| **ଯୁବଗୋଷ୍ଠୀ ମାନଙ୍କର ଉତ୍ତମ ଖାଦ୍ୟାଭ୍ୟାସ** | ୦୧୬ | ୪୫ ମିନିଟ୍ |

## ଉପକ୍ରମ

କଥାରେ ଅଛି "ଏ ଦେହ ଥିଲେ ସର୍ବ ଥାଇ, ଜଳେ ଯେସନେ ଚନ୍ଦ୍ର ଛାଇ" । ତେବେ ଦେହକୁ ସୁସ୍ଥ ଓ ସବଳ ରଖିବାକୁ ହେଲେ ଆମ ସମସ୍ତଙ୍କ ଖାଦ୍ୟାଭ୍ୟାସକୁ ଗୁରୁତ୍ୱର ସହ ବିଚାର କରିବାକୁ ହେବ ।

## ପୂର୍ବ ପାଠର ପୁନରାବୃତ୍ତି — ୫ ମିନିଟ୍

ପୂର୍ବ ଅଧିବେଶନରେ ଖାଦ୍ୟ ସଂପର୍କିତ ଆଲୋଚନାର ପୁନରାବୃତ୍ତି କରିବା ସହ ଉତ୍ତମ ଖାଦ୍ୟ ଅଭ୍ୟାସ ସମ୍ପର୍କରେ ଆଲୋଚନା କରିବେ ।

## ଉଦ୍ଦେଶ୍ୟ

ଶିକ୍ଷାର୍ଥୀମାନେ-

- ସହର ବଜାରର ଯୁଗ ଗୋଷ୍ଠୀ ବିଶେଷ ଭାବରେ ଯେଉଁ ସବୁ ଖାଦ୍ୟ ଖାଉଛନ୍ତି ସେଗୁଡ଼ିକର ନାମ କହିବେ ।
- ଫାଷ୍ଟ ଫୁଡ୍ ଖାଇଲେ ଶରୀର ପ୍ରତି କୁ-ପ୍ରଭାବ ପଡ଼େ, ବୁଝାଇବେ ।
- ସୁସ୍ଥ ଓ ନିରୋଗ ଜୀବନ ଯାପନ ପାଇଁ ସୁଷମ ଖାଦ୍ୟ ତାଲିକା ପ୍ରସ୍ତୁତ କରି ନିୟମିତ ନିଜ ଖାଦ୍ୟାଭାସରେ ବିନିଯୋଗ କରିବେ ।

## ଫାଷ୍ଟଫୁଡ୍‌ର କୁପ୍ରବାଭ

### ଆବଶ୍ୟକ ଉପକରଣ

- ହ୍ୱାଇଟ୍ ବୋର୍ଡ, ପେନ୍, ପେପର, ଚାର୍ଟ

### ପୂର୍ବ ପ୍ରସ୍ତୁତି

- ଶିକ୍ଷକ ଫାଷ୍ଟ ଫୁଡର କୁ-ପ୍ରଭାବ ବିଷୟରେ ପ୍ରାରମ୍ଭିକ ସ୍ତରରେ ଶିକ୍ଷାର୍ଥୀଙ୍କ ସହ ଆଲୋଚନା କରିବେ ।
- ନିର୍ଦ୍ଦିଷ୍ଟ ସଂଖ୍ୟକ ଦଳ ଗଠନ କରିବେ, ପ୍ରତି ଦଳରେ ୫-୬ ଜଣରୁ ଅଧିକ ସଦସ୍ୟ ରହିବେ ନାହିଁ । ଦଳପତି ନିର୍ବାଚନ କରିବେ ।
- ଦାୟିତ୍ୱ ବଣ୍ଟନ
- ତଥ୍ୟ ସଂଗ୍ରହ ଫର୍ଦ୍ଦ ପ୍ରସ୍ତୁତ
- ପର୍ଯ୍ୟବେକ୍ଷଣ ଫର୍ଦ୍ଦ
- ସାକ୍ଷାତକାର ଫର୍ଦ୍ଦ
- ମତାମତ ସଂଗ୍ରହ ଫର୍ଦ୍ଦ

## ପର୍ଯ୍ୟବେକ୍ଷଣ ଫର୍ଦ୍ଦ

**ଦଳ-୧**

ସନ୍ଧ୍ୟା ସମୟରେ ସହର ବଜାରର ରାସ୍ତା କଡ଼ର ଉଠା ଦୋକାନ ପାଖକୁ ଯାଇ ପର୍ଯ୍ୟବେକ୍ଷଣ କରି ନିମ୍ନ ଲିଖିତ ତଥ୍ୟ ସଂଗ୍ରହ କରିବେ।

୧. ରାସ୍ତା କଡ଼ରେ କେଉଁ କେଉଁ ଫାଷ୍ଟ ଫୁଡ ଦୋକାନ ଦେଖିଲ ?

ଉତ୍ତର. ____________________

୨. ସେସବୁ ଦୋକାନରେ କଣ ବିକ୍ରୀ ହେଉଥିବାର ଦେଖିଲ ?

ଉତ୍ତର. ____________________

୩. ସେଠାରେ କେଉଁମାନେ ଖାଉଥିଲେ ?

ଉତ୍ତର. ____________________

୪. କେମିତି ଖାଉଥିଲେ ଓ ପାରିପାର୍ଶ୍ୱିକ ଅବସ୍ଥା କିପରି ଥିଲା ?

ଉତ୍ତର. ____________________

୫. ଖାଇବା ପାତ୍ର କିପରି ପରିଷ୍କାର କରାଯାଉଥିଲା ?

ଉତ୍ତର. ____________________

୬. ପାନୀୟ ଜଳର ସୁବିଧା କଣ ଥିଲା ?

ଉତ୍ତର. ____________________

୭. ପରିବେଷଣ କରୁଥିବା ବ୍ୟକ୍ତି କି ପ୍ରକାର ସ୍ୱାସ୍ଥ୍ୟଗତ ଅଭ୍ୟାସ ଜାରି ରଖିଥିଲେ ?

ଉତ୍ତର. ____________________

୮. ଖାଦ୍ୟ ରହିଥିବା ପାତ୍ର ଖୋଲା ରଖିଥିଲେ କି ?

ଉତ୍ତର. ____________________

୯. ଧୂଳି ଓ ମାଛି ଉଡୁଥିଲା କି ?

ଉତ୍ତର. ____________________

୧୦. ଦୋକାନୀ ମାସ୍କ ହ୍ୟାଣ୍ଡ ଗ୍ଲୋଭ୍‌ସ ପିନ୍ଧିଥିଲେ କି ?

ଉତ୍ତର. ____________________

**ଦଳ -୨ :**

**ସାକ୍ଷାତକାର ଫର୍ଦ୍ଦ : (ସ୍ୱାସ୍ଥ୍ୟ କର୍ମୀ ବା ଡାକ୍ତର)**

ପ୍ରଥମେ ଯଥାରୀତ ସାକ୍ଷାତ କରି କଣ ତଥ୍ୟ ସଂଗ୍ରହ କରିବ ସେ ସମ୍ବନ୍ଧରେ ଉତ୍ତର ପ୍ରଦାନକାରୀଙ୍କ ସହ ଆଲୋଚନା କରିବା, ମତାମତ ନେବା ସହ ନିମ୍ନ ଲିଖିତ ପ୍ରଶ୍ନ ଗୁଡ଼ିକ ପଚାରିବେ।

ପ୍ରଶ୍ନ ୧ : ଫାଷ୍ଟ ଫୁଡ୍ କହିଲେ ଆମେ କଣ ବୁଝିବା ?

ଉତ୍ତର : ____________________

ପ୍ରଶ୍ନ ୨ : ଏସବୁ ଖାଦ୍ୟ ପ୍ରତ୍ୟହ ଖାଇବା ଅନୁଚିତ୍ କାହିଁକି ?

ଉତ୍ତର : ___________________________________________

ପ୍ରଶ୍ନ ୩ : ସୁଷମ ସନ୍ତୁଳିତ ଖାଦ୍ୟ କହିଲେ ଆମେ କଣ ବୁଝିବା ?

ଉତ୍ତର : ___________________________________________

ପ୍ରଶ୍ନ ୪ : ଏସବୁ ଖାଦ୍ୟ ବଦଳରେ ଆମେ କଣ କଣ ଖାଇବା ଉଚିତ୍ ?

ଉତ୍ତର : ___________________________________________

ପ୍ରଶ୍ନ ୫ : ପାନୀୟ ଜଳ ସେବନ ସମ୍ବନ୍ଧରେ ଆପଣଙ୍କ ପରାମର୍ଶ କଣ ରହିବ ?

ଉତ୍ତର : ___________________________________________

**ଦଳ -୩ :**

**ଫାଷ୍ଟ ଫୁଡ୍ ଦୋକାନୀଙ୍କ ସହ ସାକ୍ଷାତକାର :**

୧. ଆପଣଙ୍କ ନାମ .................................ଶିକ୍ଷାଗତ ଯୋଗ୍ୟତା .................................

୨. ଆପଣଙ୍କ ଫାଷ୍ଟ ଫୁଡ୍ ବ୍ୟବସାୟ ପଛରେ କାରଣ ?

୩. ଫାଷ୍ଟ ଫୁଡ୍ ତିଆରି କରିବା ପାଇଁ କେଉଁ କେଉଁ ସାମଗ୍ରୀ ବ୍ୟବହାର କରିଥାନ୍ତି ?

୪. ଏସବୁ ସାମଗ୍ରୀ ଖୋଲା ନା ପ୍ୟାକେଟରେ ରଖା ଯାଇଥାଏ ?

୫. କେଉଁ ତେଲ ବ୍ୟବହାର କରନ୍ତି ?

୬. ବଳି ପଡୁଥିବା ତେଲ, ଗୋଳା ହୋଇଥିବା ବେସନ, ମଇଦା ଇତ୍ୟାଦିକୁ କ'ଣ କରନ୍ତି ?

୭. ଯୁବ ଗୋଷ୍ଠୀ କେଉଁ ଖାଦ୍ୟ ଖାଇବାକୁ ପସନ୍ଦ କରନ୍ତି ଓ କାହିଁକି ?

ସଚେତନତା ପାଇଁ ପୋଷ୍ଟର : ପିଲାମାନେ ବସବାସ କରୁଥିବା ସ୍ଥାନ ଓ ରାସ୍ତା କଡରେ ଥିବା ଫାଷ୍ଟ ଫୁଡ୍ ଦୋକାନ ପାଖରେ ଲଗାଇବାର ବ୍ୟବସ୍ଥା କରିବେ, ଯେମିତିକି –

**ଆସ ଭାଇ ହୁଅ ବେଳୁ ସାବଧାନ ।**
**ସୁସ୍ଥ ରଖ ତୁମ ଅମୂଲ୍ୟ ଜୀବନ ॥**

**ଯେଉଁ ଖାଦ୍ୟ ଆମ ସ୍ୱାଦ ପାଟିକୁ ।**
**ହିତ ନୁହେଁ ତାହା ଦେହର ସ୍ୱାସ୍ଥ୍ୟକୁ ॥**

**ପୁଷ୍ଟିକର ଖାଦ୍ୟ ଖାଇବାରେ ଭାଇ ।**
**ଫାଷ୍ଟ ଫୁଡକୁ ଆସ ଦେବାରେ ଏଡାଇ ॥**

**ଫଳ ମୂଳ ଶାଗ ପନି ପରିବା ।**
**ଖାଦ୍ୟରେ ଆମର ରହିବ ସଦା ॥**

## ତଥ୍ୟ ବିଶ୍ଳେଷଣ :

୧. ତଥ୍ୟ ଫର୍ଦ୍ଦ ଆଧାରରେ ସଂଗ୍ରହ କରାଯାଇ ତଥ୍ୟକୁ ପ୍ରଥମେ ସାରଣୀ ଭୁକ୍ତ କରି ତାପରେ ଶତକଡାରେ ପରିଣତ କରି ଲେଖ ଚିତ୍ରରେ ପ୍ରକାଶ କରାଯିବ ।

୨. ସ୍ୱାସ୍ଥ୍ୟକର୍ମୀ ବା ଡାକ୍ତରଙ୍କର ମତାମତ ଫର୍ଦ୍ଦର ଉତ୍ତରକୁ ନେଇ ବୟସ ଅନୁସାରେ ସକାଳ, ମଧ୍ୟାହ୍ନ ଓ ରାତ୍ରୀ ଭୋଜନରେ କେଉଁ କେଉଁ ଖାଦ୍ୟ ଆବଶ୍ୟକ ଓ ତା'ର ଖାଦ୍ୟସାର ଇତ୍ୟାଦିର ଏକ ସାରଣୀ ପ୍ରସ୍ତୁତ କରିବେ ।

| କ୍ର.ନଂ | ଖାଦ୍ୟସାର | ସକାଳ ଖାଦ୍ୟ | ମଧ୍ୟାହ୍ନ ଖାଦ୍ୟ | ରାତ୍ରୀ ଭୋଜନ | ଉପଲବ୍ଧ ହୋଇଥିବା ଖାଦ୍ୟ ଓ ତାର ପରିମାଣ |
|---|---|---|---|---|---|
| ୧. | ଶ୍ୱେତସାର | | | | |
| ୨. | ପୁଷ୍ଟିସାର | | | | |
| ୩. | ସ୍ନେହସାର | | | | |
| ୪. | ଖଣିଜଲବଣ | | | | |

**ଫଳାଫଳ ନିର୍ଣ୍ଣୟ**

**ମାନ ନିର୍ଦ୍ଧାରଣ :**

| କ୍ର.ନଂ | ଶିକ୍ଷାର୍ଥୀଙ୍କ ନାମ | ପ୍ରଶ୍ନ-୧ ରୁ ପ୍ରଶ୍ନ-୧୦ | ଗ୍ରେଡ୍ (A,B,C,D,E) | ଅଧିକ ଯତ୍ନ ଆବଶ୍ୟକ କରୁଥିବା ଶିକ୍ଷାର୍ଥୀର ନାମ ଓ ଗ୍ରେଡ୍ |
|---|---|---|---|---|
| | | | | |
| | | | | |
| | | | | |

ପ୍ରଶ୍ନ ୧ : ସହର ଓ ବଜାର ରାସ୍ତା କଡରେ ଯୁବ ଗୋଷ୍ଠୀ କେଉଁ ଖାଦ୍ୟ ଖାଇବାର ଦେଖିଲ ?

ପ୍ରଶ୍ନ ୨ : ସେସବୁ ଖାଦ୍ୟ ସ୍ୱାସ୍ଥ୍ୟ ହାନି କରେ କିପରି ଏ ବିଷୟରେ ତୁମ ଘରେ ମାଙ୍କୁ ରୋଷେଇ ସମୟରେ କଣ କହିବ ?

ପ୍ରଶ୍ନ ୩ : ତୁମେ ଯୁବ ଗୋଷ୍ଠୀଙ୍କୁ ସଚେତନ କରିବାର ପୋଷ୍ଟରରେ ଦେଇଥିବା ବାର୍ତ୍ତାଗୁଡ଼ିକ ମଧ୍ୟରୁ ଗୋଟିଏ କୁହନ୍ତୁ ?

ପ୍ରଶ୍ନ ୪ : ଖାଇବାର ସମୟର ଗୁରୁତ୍ୱ କଣ ବୁଝାଅ ?

ପ୍ରଶ୍ନ ୫ : ଡାକ୍ତରଙ୍କ ସହ ପରାମର୍ଶ କରିବା ସମୟରେ କେଉଁ କେଉଁ ନୂତନ ତଥ୍ୟ ତୁମକୁ ଭଲ ଲାଗିଲା ?

## ଗୃହ କାର୍ଯ୍ୟ

୧. ଉତ୍ତମ ପରିମଳ ବ୍ୟବସ୍ଥା ପାଇଁ ଦୋକାନୀମାନଙ୍କୁ ସଚେତନ କରାଇବେ ।

୨. ନିଜ ପାଖ ପଡ଼ୋଶୀଙ୍କୁ ଫାଷ୍ଟ ଫୁଡ୍‌ର ଅପକାରିତା ବୁଝାଇ ସଚେତନ କରାଇବେ ।

୧. ଜଙ୍କ୍ ଖାଦ୍ୟ ନିଜେ ନ ଖାଇବା ପାଇଁ ସଚେତନ ହେବା ଓ ଘରର ଅନ୍ୟ ସଦସ୍ୟ ତଥା ପଡ଼ୋଶୀଙ୍କୁ ସଚେତନ କରାଇବା ।

| ଅଧିବେଶନ-୧୭ | ଅଧିବେଶନ କୋଡ୍ | ଅବଧି |
|---|---|---|
| **ହାତ ଧୋଇବା ସ୍ୱାସ୍ଥ୍ୟ ପ୍ରତି କେତେ ଉପକାରୀ ତାହାକୁ ବୁଝିବା ଓ ଜାଣିବା** | ୦୧୭ | ୪୫ ମିନିଟ୍ |

## ପୂର୍ବ ପାଠର ପୁନରାବୃତ୍ତି — ୫ ମିନିଟ୍

ଅଣୁଜୀବ ଜନିତ ରୋଗ ବିଷୟରେ ସମ୍ୟକ ଆଲୋଚନା କରିବେ ।

## ଉଦ୍ଦେଶ୍ୟ

ଶିକ୍ଷାର୍ଥୀମାନେ-

- ରୋଗ ସଂକ୍ରମଣ ପ୍ରକ୍ରିୟାକୁ ବୁଝିବେ
- ରୋଗର କାରଣ, ଲକ୍ଷଣ ଓ ନିରାକରଣ ସମ୍ବନ୍ଧରେ ଜାଣିବେ
- ବିଭିନ୍ନ ରୋଗର ପ୍ରତିରୋଧ ବିଷୟରେ ଜାଣିବେ ।

## ଫୁଲର ବିଭିନ୍ନ ଅଂଶ ଚିହ୍ନିବା

### ଆବଶ୍ୟକ ଉପକରଣ

- ପେନ୍ ବା ପେନସିଲ୍
- ରଙ୍ଗ ବା ସ୍କେଚ୍
- କାଗଜ (ଗାର ପକା)
- କାଗଜ ବା ଚିତ୍ରାଙ୍କନ ସିଟ୍

### ପୂର୍ବ ପ୍ରସ୍ତୁତି — ୫ ମିନିଟ୍

କ୍ଲବ ଛାତ୍ର ପ୍ରତିନିଧି ଶିକ୍ଷାର୍ଥୀମାନଙ୍କୁ ନିମ୍ନଲିଖିତ କାର୍ଯ୍ୟକଳାପ ପାଇଁ ନିୟୋଜିତ କରିବେ :

୧. ଛାତ୍ରଛାତ୍ରୀଙ୍କୁ ଶ୍ରେଣୀଗୃହ ଆକାର ଉପରେ ଆଧାର କରି ପ୍ରତ୍ୟେକ ୧୦ ଜଣ ଛାତ୍ରଙ୍କୁ ନେଇ ୫ ରୁ ୬ ଟି ଦଳରେ ବିଭକ୍ତ କରିବେ ।

୨. ଜଣେ ଲେଖାଏଁ ନେତା ବାଛିବା ପ୍ରତ୍ୟେକ ଦଳକୁ କହିବେ ।

୩. ନିମ୍ନଲିଖିତ ପ୍ରଶ୍ନ ଗୁଡ଼ିକ ଉପରେ ଶ୍ରେଣୀରେ ଆଲୋଚନା କରିବେ :

- ଥଣ୍ଡା, କାଶ କିମ୍ବା ଜ୍ୱରରେ ପୀଡ଼ିତ ହେଲେ ଆମେ କାହିଁକି ସର୍ବ ସାଧାରଣ ସ୍ଥାନକୁ ଯିବା ଉଚିତ୍ ନୁହେଁ ?
- ଗତ ଏକ ବର୍ଷ ମଧ୍ୟରେ ତୁମେ କେତେଥର ଅସୁସ୍ଥ ହୋଇଥିଲ ଓ କେଉଁ ରୋଗ ହୋଇଥିଲା ?
- କୌଣସି ରୋଗକୁ ଏଡ଼ାଇବା ପାଇଁ ତୁମେ ତୁମର ଅଭ୍ୟାସରେ ଗୋଟିଏ ପରିବର୍ତ୍ତନ ବିଷୟରେ ଚିନ୍ତା କର ।
- ଆମକୁ ହେଉଥିବା ବିଭିନ୍ନ ରୋଗରୁ ରକ୍ଷା ପାଇବା ପାଇଁ ତୁମେ ନିଜ ପରିବେଶରେ ଚାହୁଁଥିବା ଗୋଟିଏ ପରିବର୍ତ୍ତନ ବିଷୟରେ ଚିନ୍ତା କର ।

**ସମ୍ଭାବ୍ୟ ଉତ୍ତର :**

- ସାଧାରଣ ଥଣ୍ଡା ପାଇଁ ଉଦାହରଣ : ୨ ରୁ ୩ ଥର ଅସୁସ୍ଥ ହୋଇପଡ଼ିଥିଲି, ସାଧାରଣ ଥଣ୍ଡା ଥିଲା ।
- ଉପରୋକ୍ତ ଅସୁସ୍ଥତାକୁ ଏଡାଇବା ପାଇଁ ମୁଁ ମୋର ଅଭ୍ୟାସରେ ଗୋଟିଏ ପରିବର୍ତ୍ତନ କରିବି ଯେ ମୁଁ ଭିଟାମିନ୍ 'ସି' ଥିବା ଭରପୂର ଖାଦ୍ୟ ଗ୍ରହଣ କରିବି ।
- ମୁଁ ଥଣ୍ଡା ସମୟରେ ହାତ ଧୋଇବା ଓ ସାମାଜିକ ଦୂରତା ବଜାୟ ରଖିବା ଭଳି ଅଭ୍ୟାସକୁ ପାଳନ କରିବି ।

**ସୂଚନା:** ଏହା ପରେ ଶିକ୍ଷକମାନେ ପଞ୍ଚମ ବିଷୟକୁ ଅନୁସରଣ କରିପାରିବେ ଓ ଉତ୍ତମ ସ୍ୱାସ୍ଥ୍ୟର ଗୁରୁତ୍ୱ ଉପରେ ଆଲୋକପାତ କରିପାରିବେ ।

## ମୁଖ୍ୟ କାର୍ଯ୍ୟ

୩୦ ମିନିଟ୍


ଶିକ୍ଷକ ଶିକ୍ଷାର୍ଥୀମାନଙ୍କୁ ଏକ 'U' ଆକୃତିର ସମାବେଶରେ ବସାଇବେ । ଶିକ୍ଷକ ଶିକ୍ଷାର୍ଥୀଙ୍କ ସାମ୍ନାରେ ଠିଆ ହୋଇ ଆଲୋଚନା ଆରମ୍ଭ କରିବେ । ପ୍ରତ୍ୟେକ ଦଳକୁ ଏକ ରୋଗର ନାମ ଦିଆଯିବ, ଯାହା ବିଷୟରେ ସେମାନେ ପାଠ୍ୟ ପୁସ୍ତକରୁ ଗବେଷଣା କରିବେ । ରୋଗ ଓ ଏହାର ନିରାକରଣ ଉପରେ ଜୀବ ବିଜ୍ଞାନରୁ ରୋଗର ତାଲିକା କରିବେ । ଶିକ୍ଷାର୍ଥୀମାନେ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସହ ଆଲୋଚନା ପରେ ଲାଇବ୍ରେରୀରେ କିମ୍ବା ଇ-ଲାଇବ୍ରେରୀ ସହିତ ପରାମର୍ଶ କରିପାରିବେ । ପ୍ରତ୍ୟେକ ଦଳ ଏହି ରୋଗ ସହ ଜଡ଼ିତ ପ୍ରଶ୍ନର ଉତ୍ତର ଖୋଜିବେ ଓ ଏହି ରୋଗ ଉପରେ ସଚେତନତା ସୃଷ୍ଟି କରିବା ପାଇଁ ଏକ ପୋଷ୍ଟର ତିଆରି କରିବେ ।

ଦଳରେ ନିମ୍ନଲିଖିତ ପ୍ରଶ୍ନଗୁଡିକର ଉତ୍ତର ଦିଅ ।

- ଏହି ରୋଗ କିପରି ସଂକ୍ରମିତ ହୁଏ ?
- ପ୍ରତିଷେଧକ ବ୍ୟବସ୍ଥା ଗୁଡ଼ିକ କ'ଣ ?
- ଏହି ରୋଗ ଆମ ଶରୀରକୁ କିପରି ପ୍ରଭାବିତ କରେ ଓ ଏହି ରୋଗର ଲକ୍ଷଣ ଗୁଡ଼ିକ କ'ଣ ?
- ଏହି ରୋଗରୁ ନିଜକୁ ରକ୍ଷା କରିବା ପାଇଁ ଆପଣଙ୍କର ବ୍ୟକ୍ତିଗତ ସ୍ୱଚ୍ଛତା ବୃଦ୍ଧି କରିବାକୁ ଆପଣ କ'ଣ କରିବାକୁ ଚାହୁଁଛନ୍ତି ?

Question 16. Give the common methods of transmission of diseases.

Answer:




The common methods of transmission of diseases are:

(1) By air – cough, cold, tuberculosis

(2) By food and water – typhoid, jaundice

(3) By mosquito bite – malaria

(4) By rabid animal – rabies

(5) By direct contact – skin infection, small pox, AIDS

(6) By indirect contact – typhoid, chickenpox

- ଏହି ରୋଗକୁ ରୋକିବା ପାଇଁ ଆମେ ବ୍ୟକ୍ତିଗତ ଭାବରେ କେଉଁ ଦାୟିତ୍ୱ ଗ୍ରହଣ କରିପାରିବା ?
- ଏହି ରୋଗ ହୋଇଥିବା ପରିବାର ସଦସ୍ୟଙ୍କର ଯତ୍ନ ନେବା ପାଇଁ ଆମର ବ୍ୟକ୍ତିଗତ ଅଭିଜ୍ଞତା ଅଛି କି ?

ପ୍ରତ୍ୟେକ ଦଳ ଏହି ପ୍ରଶ୍ନର ଉତ୍ତର ଦେବେ । ସେମାନେ ଏହି ରୋଗର କାରଣ, ଲକ୍ଷଣ, ଚିକିତ୍ସା ଓ ପ୍ରତିରୋଧ ବିଷୟରେ ସଚେତନତା ସୃଷ୍ଟି କରିବା ପାଇଁ ଏକ ପୋଷ୍ଟର ପ୍ରସ୍ତୁତ କରିବେ । ଥରେ ପ୍ରସ୍ତୁତ ହୋଇଗଲେ, ପୋଷ୍ଟରଗୁଡ଼ିକ ବାକି ଶ୍ରେଣୀ ସହିତ ଅଂଶୀଦାର କରିବେ ।

* ଚିତ୍ରଟି NCERT Solution for Class ୧୦ରୁ ଚିତ୍ରଟି ଉଦ୍ଧୃତ ।

## ଉପସଂହାର

⏱ ୫ ମିନିଟ୍

ଶିକ୍ଷାର୍ଥୀଙ୍କୁ ସଂକ୍ରାମକ ରୋଗ, ସେଗୁଡ଼ିକର କାରଣ ଓ ବିସ୍ତାରର ଧାରା ବିଷୟରେ ଅବଗତ କରାଇବା ଜରୁରୀ । ସଂକ୍ରାମକ ରୋଗର ନିୟନ୍ତ୍ରଣ ଦିଗରେ ଶିକ୍ଷାର୍ଥୀମାନଙ୍କୁ ସେମାନଙ୍କର ଦାୟିତ୍ୱ ବିଷୟରେ ମଧ୍ୟ ଅବଗତ କରାଇବା ଜରୁରୀ । ସଂକ୍ରାମକ ରୋଗର ନିୟନ୍ତ୍ରଣ ଦିଗରେ ଶିକ୍ଷାର୍ଥୀମାନଙ୍କୁ ସେମାନଙ୍କର ଦାୟିତ୍ୱ ବିଷୟରେ ମଧ୍ୟ ଅବଗତ କରାଯିବା ଉଚିତ୍, ଯଥା, ବିଶୁଦ୍ଧ ଜଳର ବ୍ୟବହାର, ସୁସ୍ଥ ଖାଦ୍ୟ ଓ ଅଳିଆ ଏବଂ ବର୍ଜ୍ୟବସ୍ତୁ ନିଷ୍କାସନ ପାଇଁ ଉପଯୁକ୍ତ ପରିଚାଳନା ସୁନିଶ୍ଚିତ କରିବା ।

ଶ୍ରେଣୀରେ, ଶିକ୍ଷକ ରୋଗ ପ୍ରତିରୋଧର ନୀତିଗୁଡ଼ିକ ପୁନଃପ୍ରକାଶ କରିବେ :

**(କ) ସାଧାରଣ ଉପାୟ :** ସଂକ୍ରାମକ ରୋଗ ହେଲେ ମାଇକ୍ରୋବସ୍ ସଂସ୍ପର୍ଶରେ ଆସିବାକୁ ରୋକିବା । ଏହା ନିମ୍ନ ଲିଖିତ ଉପାୟରେ କରାଯାଇପାରିବ ।

- ବାୟୁ ଜନିତ ସଂକ୍ରମଣରୁ ଦୂରେଇ ରହିବା- ମହାମାରୀ ସମୟରେ ସର୍ବସାଧାରଣ ସ୍ଥାନ ପରଦର୍ଶନ କରିବା ଠାରୁ ଦୂରେଇ ରହିବା, ଛିଙ୍କିବା କିମ୍ବା କାଶିବା ସମୟରେ ନାକ ଓ ପାଟିକୁ ଘୋଡାନ୍ତୁ ।
- ଜଳ ଦ୍ୱାରା ସଂକ୍ରମଣ – ବିଶୁଦ୍ଧ, ପରିଷ୍କାର ଓ ଫୁଟା ପାଣି ପିଅନ୍ତୁ ।
- ଭେକ୍ଟର ଦ୍ୱାରା ହେଉଥିବା ରୋଗ- ପରିବେଶ ସଫା ରଖିବା, ଖାଦ୍ୟ ଓ ପାଣିକୁ ଘୋଡାଇ ରଖିବା ଏବଂ ସଫା ରଖିବା । କୌଣସି ପାଣିକୁ ଅଟକି ରହିବାକୁ ଦେବା ନାହିଁ, କାରଣ ଏହା ମଶାମାନଙ୍କ ପାଇଁ ଏକ ପ୍ରଜନନ ସ୍ଥାନରେ ପରିଣତ ହୁଏ ।
- ଏକ ସୁସ୍ଥ ଜୀବନଶୈଳୀ ବଜାୟ ରଖିବା (ସନ୍ତୁଳିତ ଖାଦ୍ୟ, ବ୍ୟାୟାମ ଓ ଶାରୀରିକ କାର୍ଯ୍ୟକଳାପ, ଚାପକୁ କମ୍ କରିବ, ଉପଯୁକ୍ତ ଶୋଇବା ଇତ୍ୟାଦି) ।

**(ଖ) ନିର୍ଦ୍ଦିଷ୍ଟ ଉପାୟ** : ସଂକ୍ରମଣ ଓ ରୋଗକୁ ରୋକିବା ପାଇଁ ଟୀକା, ପ୍ରତିରୋପଣ ଓ ବୁଷ୍ଟର୍ ଟିକା ନିମ୍ନଲିଖିତ ପ୍ରଶ୍ନ ପଚାରି ସେମାନେ କଣ ଶିଖିଲେ ଶିକ୍ଷକ ଶିକ୍ଷାର୍ଥୀ ଦଳମାନଙ୍କୁ ପଚାରିବେ :

- ଟାଇଫଏଡ୍, କଲେରା, ଡାଇରିଆ, ହେପାଟାଇଟିସ୍ ଓ ଯକ୍ଷ୍ମାର ବିସ୍ତାରକୁ ରୋକିବା ପାଇଁ ତୁମେମାନେ କେଉଁ ପଦକ୍ଷେପ ନେଇପାରିବ ?
- ସଂକ୍ରାମକ ରୋଗର କିଛି ଉଦାହରଣ ଦିଅ ଯାହା ଅନୁପଯୁକ୍ତ ବ୍ୟକ୍ତିଗତ ସ୍ୱଚ୍ଛତା ମାଧ୍ୟମରେ ବିସ୍ତାର ହୋଇପାରେ ? (ଉତ୍ତର : ସାଧାରଣ ଥଣ୍ଡା, ଫ୍ଲୁ, ଡାଇରିଆ ଓ ନିମୋନିଆ ବା କରୋନା ମହାମାରୀ ମଧ୍ୟ)

## ଗୃହ କାର୍ଯ୍ୟ

- ତୁମ ସହପାଠୀଙ୍କ ମଧ୍ୟରୁ ଗତ ମାସରେ କେତେଜଣ ଥଣ୍ଡା କିମ୍ବା କାଶ ଜ୍ୱର ରୋଗ ଦ୍ୱାରା ପୀଡ଼ିତ ଥିଲେ ? ସେମାନଙ୍କ ମଧ୍ୟରୁ ଉପଶମ ନିମନ୍ତେ କେତେଜଣ ଆଣ୍ଟିବାୟୋଟିକ୍ ଔଷଧ ସେବନ କଲେ ତାହାର ତଥ୍ୟ ସଂଗ୍ରହ କର ।
- ସେମାନେ ଡାକ୍ତରଙ୍କ ପରାମର୍ଶ କ୍ରମେ ଔଷଧ ଖାଇଥିଲେ ନା ଔଷଧ ଦୋକାନରୁ ଯାଇ ନିଜେ ଆଣିଥିଲେ ଉଲ୍ଲେଖ କରିବ ।

| ଅଧିବେଶନ-୧୮ | ଅଧିବେଶନ କୋଡ୍ | ଅବଧି |
|---|---|---|
| **ଆଞ୍ଚଳିକ ଇତିହାସ** | ୦୧୮ | ୪୫ ମିନିଟ୍ |

## ପୂର୍ବ ପାଠର ପୁନରାବୃତ୍ତି (୫ ମିନିଟ୍)

ପଢ଼ିଥିବା ଅଣୁଜୀବ ଜନିତ ରୋଗ ବିଷୟରେ ସମ୍ୟକ୍ ଆଲୋଚନା କରିବେ।

## ଉଦ୍ଦେଶ୍ୟ

ଶିକ୍ଷାର୍ଥୀମାନେ-

- ନିଜ ଅଞ୍ଚଳର ଇତିହାସ ବିଷୟରେ ଅବଗତ ହେବେ।
- ନିଜ ଅଞ୍ଚଳର ପ୍ରସିଦ୍ଧ ସ୍ଥାନ, ଖାଦ୍ୟ, ସାହିତ୍ୟ ତଥା ବ୍ୟକ୍ତିବିଶେଷଙ୍କ ବିଷୟରେ ଜାଣିବେ।

## ଆଞ୍ଚଳିକ ଇତିହାସ

### ଆବଶ୍ୟକ ଉପକରଣ

- କାଗଜ
- କଲମ

### ପୂର୍ବ ପ୍ରସ୍ତୁତି (୧୦ ମିନିଟ୍)

ଶିକ୍ଷକ ଶିକ୍ଷାର୍ଥୀଙ୍କୁ ନିଜ ଅଞ୍ଚଳର ଇତିହାସ ବିଷୟରେ ସୂଚନା ସଂଗ୍ରହ କରିବାକୁ କହିବେ।

## ମୁଖ୍ୟ କାର୍ଯ୍ୟ

ଶିକ୍ଷକ ଉକ୍ତ ଅଞ୍ଚଳର କ୍ରମ ବିକାଶ, ସଂସ୍କୃତି, ସାହିତ୍ୟ ତଥା ଲୋକକଳା ବିଷୟରେ ଶିକ୍ଷାର୍ଥୀମାନଙ୍କ ସହ ଆଲୋଚନା କରିବେ। ଏହା ପରେ ଶିକ୍ଷାର୍ଥୀମାନଙ୍କୁ ୪ଟି ଦଳରେ ବିଭକ୍ତ କରିବେ ଏବଂ ନିମ୍ନଲିଖିତ ପ୍ରଶ୍ନ କହିବେ।

୧. ତୁମ ଗାଁ/ ସହର କେତେ ବର୍ଷର ?

୨. ତୁମ ଗାଁ/ସହରରେ ତୁମକୁ ସବୁଠୁ ଭଲ କଣ ଲାଗେ ?

୩. ତୁମ ଗାଁ/ସହରର ବିଶେଷତ୍ୱ କଣ ?

୪. ତୁମ ଗାଁ/ସହରର ପ୍ରସିଦ୍ଧ ଖାଦ୍ୟ, ସ୍ଥାନ, ସାହିତ୍ୟ ଓ ବ୍ୟକ୍ତିବିଶେଷଙ୍କ ବିଷୟରେ ଉଲ୍ଲେଖ କର ?

ଶିକ୍ଷାର୍ଥୀ ଦଳରେ ଆଲୋଚନା କରିବେ ଏବଂ ନିର୍ଯ୍ୟାସ ତଥ୍ୟ ଉପସ୍ଥାପନ କରିବେ।

## ଗୃହ କାର୍ଯ୍ୟ

- ଶିକ୍ଷକ ଶିକ୍ଷାର୍ଥୀମାନଙ୍କୁ ନିଜ ଅଞ୍ଚଳର ପାରମ୍ପରିକ ଖାଦ୍ୟ ବିଷୟରେ ଲେଖି ଆଣିବାକୁ କହିବେ। ସେଗୁଡ଼ିକର ଚିତ୍ର କପି ମଧ୍ୟ ଆଣିବା ପାଇଁ କହିପାରିବେ।

| ଅଧିବେଶନ-୧୯ | ଅଧିବେଶନ କୋଡ୍ | ଅବଧି |
|---|---|---|
| ପ୍ରକଳ୍ପ ପ୍ରଦର୍ଶନ | ୦୧୯ | ୪୫ ମିନିଟ୍ |

**ଉଦ୍ଦେଶ୍ୟ**

- ଶିକ୍ଷାର୍ଥୀମାନେ ବର୍ଷସାରା କରିଥିବା ସମସ୍ତ ପ୍ରକଳ୍ପ କାର୍ଯ୍ୟ ପ୍ରଦର୍ଶନ କରିବେ ।
- ମଡେଲ ଗୁଡ଼ିକର ପ୍ରଦର୍ଶନୀ, ଶିକ୍ଷାର୍ଥୀମାନେ କ୍ଲବରେ କରିଥିବା ବିଭିନ୍ନ କାର୍ଯ୍ୟକଳାପର କଳାତ୍ମକ ଉପସ୍ଥାପନା ।

**ନିର୍ଦ୍ଦେଶାବଳୀ**

- ବିଭିନ୍ନ ଦଳରେ ବିଭକ୍ତ ହୋଇ ଅଧିବେଶନରେ ମନୋନୀତ ବିଷୟବସ୍ତୁ ଅନୁଯାୟୀ ପିଲାମାନେ ପ୍ରକଳ୍ପ ପ୍ରଦର୍ଶନ କରିବେ ।
- ଜୈବ ବିବିଧତା
- ଜଳର ପ୍ରକାର
- ସ୍ୱାସ୍ଥ୍ୟ ଓ ସୁସ୍ଥତା
- ଶକ୍ତି ଓ ଜଳବାୟୁ ପରିବର୍ତ୍ତନ
- ଇତିହାସ ଓ ସଂସ୍କୃତି

## ମୁଖ୍ୟ କାର୍ଯ୍ୟ

ବିଦ୍ୟାଳୟର ଅଂଶୀଦାରମାନେ - ଅନ୍ୟ ଶ୍ରେଣୀର ଶିକ୍ଷାର୍ଥୀ, ଶିକ୍ଷକ, ପ୍ରଧାନଶିକ୍ଷକ ବା ଶିକ୍ଷୟତ୍ରୀ ଆସି ସମସ୍ତ କାର୍ଯ୍ୟ ଦେଖିବାର ସୁଯୋଗ ପାଇବେ । ଯଦି ସମ୍ଭବ ସରକାରୀ ଅଧିକାରୀଙ୍କ ପରି ଅନ୍ୟ ଅଂଶୀଦାରଙ୍କୁ ମଧ୍ୟ ପ୍ରଦର୍ଶନୀ ଦେଖିବାକୁ ନିମନ୍ତ୍ରଣ କରିପାରନ୍ତି ।

## ଗୃହ କାର୍ଯ୍ୟ

- ପିଲାମାନେ ଦେଖିବାକୁ ପାଇଥିବା ବିଭିନ୍ନ ପ୍ରକଳ୍ପକୁ ତାଲିକାଭୁକ୍ତ କରିପାରିବେ ଓ କେଉଁଗୁଡ଼ିକ ଅଧିକ ପସନ୍ଦ କରନ୍ତି ଓ କାହିଁକି ତାହା ମଧ୍ୟ ଉଲ୍ଲେଖ କରିପାରିବେ ।

| ଅଧିବେଶନ-୨୦ | ଅଧିବେଶନ କୋଡ୍ | ଅବଧି |
|---|---|---|
| ପ୍ରକଳ୍ପ ଉପସ୍ଥାପନା | ୦୨୦ | ୪୫ ମିନିଟ୍ |

## ଉଦ୍ଦେଶ୍ୟ

- ଶିକ୍ଷାର୍ଥୀମାନେ ଦଳଗତ ଭାବରେ ପ୍ରକଳ୍ପର ଉପସ୍ଥାପନା କରିବେ।
- ପ୍ରକଳ୍ପ ପ୍ରସ୍ତୁତ କରିବା ପାଇଁ ପିଲାମାନେ ସଂଯୁକ୍ତ ଫର୍ଦ୍ଦ ୧ (ପ୍ରକଳ୍ପ ନମୂନା) ଅନୁସରଣ କରିବେ।
- ପ୍ରକଳ୍ପ ମୂଲ୍ୟାଙ୍କନ ପାଇଁ ସଂଯୁକ୍ତ ଫର୍ଦ୍ଦ ୨ ଓ ୩କୁ ନଜରରେ ରଖି ଶିକ୍ଷକମାନେ ପ୍ରକଳ୍ପ ମୂଲ୍ୟାଙ୍କନ କରିବେ।

## ପ୍ରକଳ୍ପ ଫର୍ମାଟ୍

**ସଂଯୁକ୍ତ ଫର୍ଦ୍ଦ- ୧**

| | |
|---|---|
| ୧. | ଉପକ୍ରମ |
| ୨. | ଅଧ୍ୟୟନର ଉଦ୍ଦେଶ୍ୟ |
| ୩. | ହାଇପୋଥେସିସ୍ ବା ଅନୁସନ୍ଧାନ ପ୍ରଶ୍ନ |
| ୪. | ବିଷୟର ମହତ୍ତ୍ୱ ଓ ପ୍ରାସଙ୍ଗିକତା |
| ୫. | ବିଷୟ ସମ୍ପର୍କିତ ସମୀକ୍ଷା |
| ୬. | ପଦ୍ଧତି |
| ୭. | ତଥ୍ୟ ବିଶ୍ଳେଷଣ |
| ୮. | ତଥ୍ୟ ପ୍ରସ୍ତୁତି |
| ୯. | ପ୍ରକଳ୍ପର ସୀମା |
| ୧୦. | ଉପସଂହାର |
| ୧୧. | ତଥ୍ୟ ସଂଗ୍ରହ କରିବାରେ ବ୍ୟବହୃତ ପ୍ରଶ୍ନ ପତ୍ର (ସଂଯୁକ୍ତ ଫର୍ଦ୍ଦ-୧) |
| ୧୨. | ପ୍ରକଳ୍ପ ଉପସ୍ଥାପନା |

## ପ୍ରକଳ୍ପ ମୂଲ୍ୟାଙ୍କନ ସାଧନ

**ସଂଯୁକ୍ତ ଫର୍ଦ୍ଦ- ୨**

| | |
|---|---|
| ୧. | ଉପକ୍ରମ |
| ୨. | ଅଧ୍ୟୟନର ଉଦ୍ଦେଶ୍ୟ |
| ୩. | ଅନୁସନ୍ଧାନ ପ୍ରଶ୍ନ |
| ୪. | ବିଷୟର ମହତ୍ତ୍ୱ ଓ ପ୍ରାସଙ୍ଗିକତା |
| ୫. | ବିଷୟ ସମ୍ପର୍କିତ ସମୀକ୍ଷା |
| ୬. | ପଦ୍ଧତି |
| ୭. | ତଥ୍ୟ ବିଶ୍ଳେଷଣ |
| ୮. | ତଥ୍ୟ ପ୍ରସ୍ତୁତି |
| ୯. | ପ୍ରକଳ୍ପର ସୀମା |
| ୧୦. | ଉପସଂହାର |
| ୧୧. | ରେଫରେନ୍ସ ବହିଗୁଡ଼ିକର ନାମ |
| ୧୨. | ସଂଯୁକ୍ତ ଫର୍ଦ୍ଦ<br>(୧) ତଥ୍ୟ ସଂଗ୍ରହ କରିବାରେ ବ୍ୟବହୃତ ପ୍ରଶ୍ନ ପତ୍ର |
| ୧୧. | ପ୍ରକଳ୍ପ ଉପସ୍ଥାପନା ଓ ମୌଖିକ ପରୀକ୍ଷା |

## ଜିଜ୍ଞାସା ଆକାଂକ୍ଷୀ ପାଠ୍ୟକ୍ରମ ପାଇଁ ମୂଲ୍ୟାଙ୍କନ

**ସଂଯୁକ୍ତ ଫର୍ଦ୍ଦ- ୩**

ପ୍ରତ୍ୟେକ ଶିକ୍ଷାର୍ଥୀ ବର୍ଷକୁ ଦୁଇଟି ପ୍ରକଳ୍ପ ପ୍ରସ୍ତୁତ କରିବା ସହ ଉପସ୍ଥାପନା କରିବେ । ପ୍ରତ୍ୟେକ ଶିକ୍ଷାର୍ଥୀଙ୍କର ପ୍ରକଳ୍ପ ଆକଳନ ଉଭୟ ଟର୍ମ- ୧ ଏବଂ ଟର୍ମ- ୨ ରେ ହେବ ।

**ମୂଲ୍ୟାୟନ**

| ଟର୍ମ | ପ୍ରକଳ୍ପ କାର୍ଯ୍ୟ (ମାର୍କ) | ମୌଖିକ (ମାର୍କ) | ପ୍ରକଳ୍ପ ଉପସ୍ଥାପନା (ମାର୍କ) | ମୋଟ |
|---|---|---|---|---|
| ୧ | ୫ | ୫ | ୧୦ | ୨୦ |
| ୨ | ୫ | ୫ | ୧୦ | ୨୦ |

ମୁଖ୍ୟତଃ ଶିକ୍ଷାର୍ଥୀଙ୍କର ମୂଲ୍ୟାଙ୍କନ ତିନୋଟି ଆଧାରରେ ଅନୁଷ୍ଠିତ ହେବ । ଯେପରିକି:-

୧ . ପ୍ରକଳ୍ପ କାର୍ଯ୍ୟ    ୨ . ମୌଖିକ ପ୍ରଶ୍ନୋତ୍ତର    ୩. ପ୍ରକଳ୍ପ ଉପସ୍ଥାପନା

ସମସ୍ତ ଶିକ୍ଷାର୍ଥୀଙ୍କୁ ବିଭିନ୍ନ ଗ୍ରୁପ୍‌ରେ ବିଭକ୍ତ କରି (ପ୍ରତି ଗ୍ରୁପ୍‌ରେ ୫ଜଣ ବା ତା'ଠାରୁ ଅଧିକ) ସେମାନଙ୍କୁ ବିଭିନ୍ନ ପ୍ରକଳ୍ପ ବିଷୟ ଏବଂ ତତ୍ ସମ୍ବନ୍ଧୀୟ ଫର୍ମାଟ ପ୍ରଦାନ କରାଯିବ ।

ଶିକ୍ଷକମାନେ ଶିକ୍ଷାର୍ଥୀଙ୍କର ପ୍ରକଳ୍ପ ମୂଲ୍ୟାୟନ ସମୟରେ ନିମ୍ନଲିଖିତ ପଏଣ୍ଟଗୁଡ଼ିକ ଉପରେ ଧ୍ୟାନ ଦେବେ ।

**କ. ପ୍ରକଳ୍ପର ମୂଲ୍ୟାୟନ**

- ଉପକ୍ରମ
- ଅଧ୍ୟୟନର ଉଦ୍ଦେଶ୍ୟ
- ପରିକଳ୍ପନା ଓ ଅନୁସନ୍ଧାନ ପ୍ରଶ୍ନ
- ବିଷୟର ମହତ୍ତ୍ୱ ଓ ପ୍ରାସଙ୍ଗିକତା
- ବିଷୟ ସଂପର୍କିତ ସମୀକ୍ଷା
- ପଦ୍ଧତି
- ତଥ୍ୟ ବିଶ୍ଳେଷଣ
- ତଥ୍ୟ ପ୍ରସ୍ତୁତି
- ପ୍ରକଳ୍ପର ସୀମା
- ଉପସଂହାର
- ତଥ୍ୟ ସଂଗ୍ରହ କରିବାରେ ବ୍ୟବହୃତ ପ୍ରଶ୍ନ ପତ୍ର

**ଖ. ମୌଖିକ ମୂଲ୍ୟାଙ୍କନ:** ଶିକ୍ଷକ ପ୍ରକଳ୍ପ ଆଧାରିତ କେତୋଟି ମୌଖିକ ପ୍ରଶ୍ନ ପଚାରି ଆକଳନ କରିବେ ।

**ଗ. ପ୍ରକଳ୍ପ ଉପସ୍ଥାପନାର ମୂଲ୍ୟାୟନ :**

- ଶିକ୍ଷାର୍ଥୀମାନେ ଦଳଗତ ଭାବେ ପ୍ରକଳ୍ପ ଉପସ୍ଥାପନା କରିବେ ।
- ଉଭୟ ଶିକ୍ଷକ ଏବଂ ଶିକ୍ଷାର୍ଥୀ ପ୍ରକଳ୍ପ ଉପସ୍ଥାପନାର ପର୍ଯ୍ୟବେକ୍ଷଣ ଏବଂ ଆକଳନ କରିବେ ।

| ସଂଖ୍ୟା | ଛାତ୍ରଛାତ୍ରୀଙ୍କ ନାମ | ସହପାଠୀଙ୍କ ପର୍ଯ୍ୟବେକ୍ଷଣ (୫ମାର୍କ) | ଶିକ୍ଷକଙ୍କ ପର୍ଯ୍ୟବେକ୍ଷଣ (୫ମାର୍କ) | ମୋଟ ମାର୍କ (୧୦ ମାର୍କ) |
|---|---|---|---|---|
| ୧ | | | | |
| ୨ | | | | |

ପ୍ରତ୍ୟେକ ପ୍ରକଳ୍ପର ମୂଲ୍ୟାୟନ ଓ ପର୍ଯ୍ୟବେକ୍ଷଣ, ପ୍ରକଳ୍ପ ଉପସ୍ଥାପନାର କୌଶଳ, ଦକ୍ଷତା, ଶବ୍ଦ ଉଚ୍ଚାରଣ ଶୈଳୀ, ଆତ୍ମ ବିଶ୍ୱାସ ଏବଂ ସ୍ୱଚ୍ଛତା ଉପରେ ଆଧାରିତ ହେବା ଉଚିତ ।

ସବିଶେଷ ମୂଲ୍ୟାଙ୍କନ କରିବା ପାଇଁ ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶାର ନିର୍ଦ୍ଦେଶାବଳୀକୁ ଅନୁସରଣ କରିବେ ।

## ଜଳବାୟୁ ପରିବର୍ତ୍ତନ ପ୍ରକଳ୍ପ ଫର୍ମାଟ୍

**ସଂଯୁକ୍ତ ଫର୍ଦ୍ଦ- ୪**

### ପ୍ରକଳ୍ପ କାର୍ଯ୍ୟ

ଶିକ୍ଷାର୍ଥୀଙ୍କୁ ସେମାନଙ୍କର ସ୍ଥାନୀୟ ଅଞ୍ଚଳର ଏକ କାହାଣୀ ଚିହ୍ନଟ କରିବାକୁ କୁହନ୍ତୁ । ଶିକ୍ଷାର୍ଥୀମାନେ ସେମାନଙ୍କର ଅଞ୍ଚଳର କୃଷକ, ଜଙ୍ଗଲ ନିବାସୀ କିମ୍ବା ମତ୍ସ୍ୟଜୀବୀଙ୍କ ସହିତ ସଂକ୍ଷିପ୍ତ ସାକ୍ଷାତକାର ନେଇ ପାରିବେ । ଜଳବାୟୁ ପରିବର୍ତ୍ତନ ସେମାନଙ୍କ ଜୀବନରେ କିଭଳି ପ୍ରଭାବ ପକାଉଛି ତାହା ପଚାରନ୍ତୁ ଓ ପର୍ଯ୍ୟବେକ୍ଷଣ ଫର୍ଦ୍ଦରେ ପ୍ରସ୍ତୁତ କରି ଏହାକୁ ଲେଖନ୍ତୁ ।

**ସାକ୍ଷାତକାର ପାଇଁ ପ୍ରଶ୍ନ :-**

- ଜଳବାୟୁ ପରିବର୍ତ୍ତନ କଣ ଏବଂ ଏହା କାହିଁକି ଘଟୁଛି ?
- ଜଳବାୟୁ ପରିବର୍ତ୍ତନ କାରଣରୁ ଆପଣଙ୍କୁ କେଉଁ ପ୍ରକାରର ସମସ୍ୟାର ସମ୍ମୁଖିନ ହେବାକୁ ପଡୁଛି ?

(ଜଙ୍ଗଲରେ ଅଗ୍ନିକାଣ୍ଡ, ଫସଲ ସମୟରେ ପରିବର୍ତ୍ତନ, କୀଟନାଶକ ବୃଦ୍ଧି, ମାଛର ଶାରୀରିକ ବୃଦ୍ଧି ନ ଘଟିବା ଓ ବିପର୍ଯ୍ୟୟ ବଢ଼ିବା ଇତ୍ୟାଦି)

- ଜଳବାୟୁ ପରିବର୍ତ୍ତନ ହେତୁ ଆପଣଙ୍କ ଜୀବନ ଓ ଜୀବିକା ପ୍ରଭାବିତ ହେଉଛି କି ? ଆପଣ ଏହି ସମସ୍ୟାର ସମାଧାନ କିପରି କରୁଛନ୍ତି ?
- ଆପଣ ଭିନ୍ନ ଭିନ୍ନ ଫସଲ ଏକ ସମୟରେ କରନ୍ତି କି ?
- ଆପଣ ବିଭିନ୍ନ ସାର ବ୍ୟବହାର କରୁଛନ୍ତି କି ?
- ଏହି ସମସ୍ୟା ଗୁଡିକୁ ଦୂର କରିବା ପାଇଁ ଆପଣ କାହାର ସାହାଯ୍ୟ ନିଅନ୍ତି କି ?
- ଜଳ, ବିଦ୍ୟୁତ ନଷ୍ଟ ନ କରିବା, ଅଳିଆ ଆବର୍ଜନା ନ କରିବା ଜଳବାୟୁ ପରିବର୍ତ୍ତନରେ ସହାୟକ ହୁଏ ବୋଲି ଆପଣ ଜାଣନ୍ତି କି ? ଆପଣ ନିଜର ଜୀବନଶୈଳୀକୁ ବଦଳାଇବା ପାଇଁ କୌଣସି ନିଷ୍ପତ୍ତି ନେବେ କି ?

**ସୂଚନା:-** ଆପଣଙ୍କର ପରିବାର ଏବଂ ସମ୍ପ୍ରଦାୟର ବିଶ୍ୱସ୍ତ ବୟସ୍କ ବ୍ୟକ୍ତିର ସାକ୍ଷାତକାର ନେବାକୁ ଚେଷ୍ଟା କର । ଯେଉଁମାନେ କୃଷକ/ଜଙ୍ଗଲ ବାସିନ୍ଦା/ମତ୍ସ୍ୟଜୀବୀ ଭାବରେ କାର୍ଯ୍ୟ କରନ୍ତି । ଯଦି ତୁମ ଅଞ୍ଚଳରେ ଏହିପରି ବୃତ୍ତିଗତ ସନ୍ଧାନ କରିବାରେ ଅସମର୍ଥ, ତେବେ ସହପାଠୀ ସହିତ କଥା ହୋଇ ଯାହାର ଏପରି ସମ୍ପର୍କୀୟ ଅଛନ୍ତି ସେମାନଙ୍କ ସହ ଦେଖା କରି ସାକ୍ଷାତକାର ନେଇପାରିବ ।

**ତଥ୍ୟ ସଂଗ୍ରହ ପାଇଁ ନମୁନା ସାରଣୀ**

| ପ୍ରଶ୍ନ | ସାକ୍ଷାତକାର | | | | | | | | | |
|---|---|---|---|---|---|---|---|---|---|---|
| | ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ | ୧୦ |
| ୧ | ପ୍ରତିକ୍ରିୟା ଲେଖିବେ | | | | | | | | | |
| ୨ | | | | | | | | | | |
| ୩ | | | | | | | | | | |
| ୪ | | | | | | | | | | |
| ୫ | | | | | | | | | | |

# ମାଟିର ପ୍ରକାର ଓ ସେଥିରୁ ଉତ୍ପନ୍ନ ହେଉଥିବା ଫସଲ

**ସଂଯୁକ୍ତ ଫର୍ଦ୍ଦ- ୫**

## ବିବରଣୀ ଲିଖନ ସୋପାନ

(କ) ଶୀର୍ଷକ :

(ଖ) ଉପକ୍ରମ :

(ଗ) ଯୁକ୍ତି ଯୁକ୍ତତା :

(ଘ) ମୁଖ୍ୟ ଉଦ୍ଦେଶ୍ୟ :

(ଙ) ସୀମିତତା :

(ଚ) ପ୍ରଣାଳୀ :

- ପଦ୍ଧତି :
- ନମୂନା :
- ତଥ୍ୟ ସଂଗ୍ରହକାରୀ ସାଧନ ପ୍ରସ୍ତୁତ :

(ଛ) ତଥ୍ୟ ସଂଗ୍ରହ :

(ଜ) ତଥ୍ୟ ବିଶ୍ଳେଷଣ :

(ଝ) ଫଳାଫଳ :

(ଞ) ମନନ :

(ଟ) ଉପସଂହାର :

## ସମ୍ପାଦିତ ପ୍ରକଳ୍ପ କାର୍ଯ୍ୟର ବିବରଣୀ

ଶୀର୍ଷକ :

ଉପକ୍ରମ :

ଯୁକ୍ତିଯୁକ୍ତତା :

- ମାଟି ଜନଜୀବନ ପାଇଁ ଏକ ଅମୂଲ୍ୟ ସମ୍ପଦ ଯାହା ବିନା ଜୀବଜଗତ ସୃଷ୍ଟି ଅସମ୍ଭବ।
- ଅଷ୍ଟମ ଶ୍ରେଣୀ ବିଜ୍ଞାନ ପାଠ୍ୟ ପୁସ୍ତକର ମାଟି ଏକ ପ୍ରସଙ୍ଗ ଏବଂ ଶିକ୍ଷାର୍ଥୀ ବସବାସ କରୁଥିବା ସମାଜରେ ମାଟି ଦ୍ୱାରା ଅନେକ କାର୍ଯ୍ୟ ସାଧିତ ହୋଇଥାଏ।

- ଭାରତ ଏକ କୃଷି ପ୍ରଧାନ ଦେଶ । ମାଟିର ଗୁଣ ଅନୁସାରେ ବିଭିନ୍ନ ପ୍ରକାର ଫସଲ ଚାଷ କରାଯାଏ ।
- ମାଟି ଉପରେ ସଂଗୃହୀତ ତଥ୍ୟ ଆଧାରରେ , ସମାଜକୁ ନୂତନ ବହି ଦେବା ସହ, ଶିକ୍ଷାର୍ଥୀ ଅଧିକ ତଥ୍ୟ ସଂଗ୍ରହ ପାଇଁ ଉତ୍ସାହିତ ହେବେ ।
- ଶିକ୍ଷାର୍ଥୀ ବିଜ୍ଞାନ ତତ୍ତ୍ୱ ଓ ପଦ୍ଧତି ଅନୁସରଣ କରି ଏକ ଯୁଗୋପଯୋଗୀ ସ୍ୱାବଲମ୍ବୀ କୃଷକ ଭାବେ ପରିଗଣିତ କରିବାକୁ ଆଗ୍ରହ ପ୍ରକାଶ କରିବେ ।

**ଉଦ୍ଦେଶ୍ୟ :**

ଶିକ୍ଷାର୍ଥୀମାନେ :

- ନିଜ ପରିବେଶରେ ଉପଲବ୍ଧ ବିଭିନ୍ନ ପ୍ରକାର (ଦୋରସା , ମଟାଳ, ପଙ୍କୁଆ ଓ ବାଲିଆ ) ମାଟି ଗୁଣକୁ ନେଇ ଆମଦାନୀ ହେଉଥିବା ଫସଲ ସମ୍ବନ୍ଧୀୟ ତଥ୍ୟ ସଂଗ୍ରହ କରିବେ ।
- ମୃତ୍ତିକା କ୍ଷୟ ରୋକିବାର କୌଶଳ ଗୁଡିକ ବିଷୟରେ ବୁଝାଇବେ ।
- ମାଟି ସମ୍ବନ୍ଧରେ ନିଜ ଦ୍ୱାରା ସଂପନ୍ନ କାର୍ଯ୍ୟର ମୂଲ୍ୟବୋଧତାକୁ ବୁଝି ପରବର୍ତ୍ତୀ କାର୍ଯ୍ୟର ଆକଳନ କରିବେ ।

**ସୀମିତତା :**

- ଶିକ୍ଷାର୍ଥୀମାନେ ଦଳଗତ ଭାବେ ନିଜ ଅଞ୍ଚଳର ବଗିଚା, ଚାଷ ଜମି, ପୋଖରୀହୁଡ଼ା, ଖେଳପଡ଼ିଆକୁ ଯାଇ ତଥ୍ୟ ସଂଗ୍ରହ କରିବେ ।
- ସେହି ଅଞ୍ଚଳରେ ବସବାସ କରୁଥିବା ପାଞ୍ଚଜଣ ବ୍ୟକ୍ତିଙ୍କ ସହ ସାକ୍ଷାତକାର କରିବେ
- ଏହି କାର୍ଯ୍ୟ ୩ ଦିନରୁ ୫ ଦିନ ମଧ୍ୟରେ ସମ୍ପନ୍ନ କରାଯିବ ।

**ପ୍ରଣାଳୀ :**

**ପଦ୍ଧତି :** ସର୍ବେକ୍ଷଣ

**ନମୂନା :**

(କ) ନିଜ ଅଞ୍ଚଳର ବଗିଚା, କ୍ଷେତ, ପୋଖରୀ, ପଡ଼ିଆ

(ଖ) ସେ ଅଞ୍ଚଳର ଚାଷବାସ କରୁଥିବା ୫ ଜଣ ବ୍ୟକ୍ତି

(ଗ) ସେସବୁ ଅଞ୍ଚଳରୁ ମାଟି ନମୂନା ସଂଗ୍ରହ

**ତଥ୍ୟ ସଂଗ୍ରହ ସାଧନ :**

## ପର୍ଯ୍ୟବେକ୍ଷଣ ଫର୍ଦ୍ଦ-୧

| କ୍ର.ସଂ. | ବିଭିନ୍ନ ସ୍ଥାନ | ମାଟିର ପ୍ରକାର | ମାଟିର ରଙ୍ଗ | ଉକ୍ତ ମାଟିରେ ହେଉଥିବା ଫସଲ | ସେଠାରେ ବସବାସ କରୁଥିବା ପ୍ରାଣୀ |
|---|---|---|---|---|---|
| | | | | | |

## ପର୍ଯ୍ୟବେକ୍ଷଣ ଫର୍ଦ୍ଦ-୨ (ମୃତ୍ତିକା କ୍ଷୟ ଓ ନିରାକରଣ)

| ମୃତ୍ତିକା କ୍ଷୟ ସ୍ଥାନର ନାମ | କ୍ଷୟ ରୋକିବା ପାଇଁ ଅବଲମ୍ବନ କରୁଥିବା ଉପାୟ | ଉପାୟ ମନୁଷ୍ୟକୃତ ନା ପ୍ରାକୃତିକ | ଅନ୍ୟ କିଛି ଲକ୍ଷ୍ୟ କରିଥିଲେ ଲେଖ |
|---|---|---|---|
| | | | |

### ଅଞ୍ଚଳବାସୀଙ୍କ ସହ ଆଲୋଚନା (ସାକ୍ଷାତକାର) କରି ତଥ୍ୟ ସଂଗ୍ରହ

୧. ଆପଣ ନିଜ ଅଞ୍ଚଳରେ କେଉଁ ପ୍ରକାର ଫସଲ ଚାଷ କରନ୍ତି ?

୨. ଅନ୍ୟ ଅଞ୍ଚଳରେ ଚାଷ କରାଯାଉଥିବା ଫସଲ ଆପଣ ଚାଷ କରନ୍ତି ନାହିଁ କାହିଁକି ?

୩. ମୃତ୍ତିକା କ୍ଷୟ ରୋକିବା ପାଇଁ ଆପଣ କେଉଁ ଉପାୟ ଅବଲମ୍ବନ କରନ୍ତି ?

୪. କ'ଣ କରାଗଲେ ଆପଣ ଫସଲ ଚାଷ ବା ପନିପରିବା ଚାଷରେ ଭଲ ଅମଳ କରିପାରିବେ ?

୫. ସାକ୍ଷାତକାରରେ ଠିକ୍ ଉତ୍ତର ଦେଇଥିବା ବ୍ୟକ୍ତିଙ୍କ ସଂଖ୍ୟା :

| ସାକ୍ଷାତକାର ଫର୍ଦ୍ଦରେ ପ୍ରଶ୍ନ | ଠିକ୍ ଉତ୍ତର ଦେଇଥିବା ବ୍ୟକ୍ତିଙ୍କ ସଂଖ୍ୟା |
|---|---|
| ପ୍ରଶ୍ନ-୧ : ଆପଣଙ୍କ ନିଜ ଅଞ୍ଚଳରେ କେଉଁ କେଉଁ ଫସଲ ଚାଷ କରନ୍ତି ? | |
| ପ୍ରଶ୍ନ-୨ : ଆପଣଙ୍କ ଅଞ୍ଚଳରେ ଚାଷ ଅନ୍ୟ ଅଞ୍ଚଳଠାରୁ ଚାଷ ଠାରୁ ଭିନ୍ନ କାହିଁକି ? | |
| ପ୍ରଶ୍ନ-୩: ମୃତ୍ତିକା କ୍ଷୟ ରୋକିବା ପାଇଁ ଆପଣ କେଉଁ କେଉଁ ଉପାୟ ଅବଲମ୍ବନ କରନ୍ତି ? | |
| ପ୍ରଶ୍ନ-୪: ମୃତ୍ତିକାର ଉର୍ବରତା କିପରି ବୃଦ୍ଧି କରିବେ ? | |
| ପ୍ରଶ୍ନ-୫: କ'ଣ କରାଗଲେ ଆପଣ ଭଲଭାବେ ଚାଷ କରିପାରିବେ ? | |

**ସଂଗୃହିତ ତଥ୍ୟର ବିଶ୍ଳେଷଣ ଓ ଫଳାଫଳ ନିର୍ଣ୍ଣୟ**

ସାରଣୀ-୧ରେ ସଂଗୃହିତ ଲିପିବଦ୍ଧ ହୋଇଥିବା ତଥ୍ୟକୁ ନିମ୍ନ ସାରଣୀରେ ଏକତ୍ରିତ କରି ରଖାଗଲା ।

| ସ୍ଥାନର ନାମ | ସେ ସ୍ଥାନରେ ଥିବା ମାଟିର ପ୍ରକାର | ମାଟିର ରଙ୍ଗ | ମନ୍ତବ୍ୟ |
|---|---|---|---|
| | | | |
| | | | |
| | | | |
| | | | |

ସାରଣୀ-୨ରେ ମାଟିର ପ୍ରକାର ଓ ଚାଷ ହେଉଥିବା ଫସଲ ।

ବିଭିନ୍ନ ଅଞ୍ଚଳର ମାଟିର ପ୍ରକାର ଓ ସେଠାରେ ଚାଷ ହେଉଥିବା ଫସଲକୁ ନିମ୍ନ ସାରଣୀରେ ଲିପିବଦ୍ଧ କରାଗଲା

| ମାଟିର ପ୍ରକାର | ଚାଷ ହେଉଥିବା ଫସଲ |
|---|---|
| ଦୋରସା | |
| ମଟାଳ | |
| ପଙ୍କୁଆ | |
| ବାଲିଆ | |

ସାକ୍ଷାତକାର ସମୟରେ ମୃତ୍ତିକା କ୍ଷୟ ଉପରେ ମତାମତ ପ୍ରଦାନ କରିଥିବା ୫ ଜଣ ବ୍ୟକ୍ତିଙ୍କ ମତାମତ ନିମ୍ନ ସାରଣୀରେ ଲିପିବଦ୍ଧ କରାଯାଇଛି ।

| ମୃତ୍ତିକା କ୍ଷୟ ରୋକିବାର ଉପାୟ | ସପକ୍ଷରେ ଉତ୍ତର ଦେଇଥିବା ଲୋକ ସଂଖ୍ୟା | ଶତକଡ଼ାରେ ହିସାବ | ମନ୍ତବ୍ୟ |
|---|---|---|---|
| | | | |
| | | | |
| | | | |
| | | | |


ଶତକଡ଼ା ହିସାବକୁ ଚିତ୍ରଲେଖରେ ପ୍ରକାଶ କରାଗଲା




ସାକ୍ଷାତକାର ପ୍ରଶ୍ନଦ୍ୱାରା ଠିକ୍ ଉତ୍ତର ଦେଇଥିବା ବ୍ୟକ୍ତିଙ୍କ ସଂଖ୍ୟା :

| ସାକ୍ଷାତକାର ଫର୍ଦ୍ଦରେ ପ୍ରଶ୍ନ | ଠିକ୍ ଉତ୍ତର ଦେଇଥିବା ବ୍ୟକ୍ତି | ମନ୍ତବ୍ୟ |
|---|---|---|
| ପ୍ରଶ୍ନ-୧ ଆପଣଙ୍କ ନିଜ ଅଞ୍ଚଳରେ କେଉଁ କେଉଁ ଫସଲ ଚାଷ କରନ୍ତି ? | | |
| ପ୍ରଶ୍ନ-୨ ଆପଣଙ୍କ ଅଞ୍ଚଳରେ ଚାଷ ଅନ୍ୟ ଅଞ୍ଚଳଠାରୁ ଚାଷ ଠାରୁ ଭିନ୍ନ କାହିଁକି ? | | |
| ପ୍ରଶ୍ନ-୩ ମୃତ୍ତିକା କ୍ଷୟ ରୋକିବା ପାଇଁ ଆପଣ କେଉଁ କେଉଁ ଉପାୟ ଅବଲମ୍ବନ କରନ୍ତି ? | | |
| ପ୍ରଶ୍ନ-୪ ମୃତ୍ତିକାର ଉର୍ବରତା କିପରି ବୃଦ୍ଧି କରିବେ ? | | |
| ପ୍ରଶ୍ନ-୫ କ'ଣ କରାଗଲେ ଆପଣ ଭଲଭାବେ ଚାଷ କରିପାରିବେ ? | | |

ଉପରୋକ୍ତ ଠିକ୍ ଉତ୍ତର ଦେଇଥିବା ଉତ୍ତରଦାତାଙ୍କ ସଂଖ୍ୟାକୁ ନେଇ ନିମ୍ନ ପାଇ ($\pi$)ଚାର୍ଟ୍ ପ୍ରସ୍ତୁତ କରାଗଲା ।



**ଫଳାଫଳ ନିର୍ଣ୍ଣୟ**

ଉପରୋକ୍ତ ତଥ୍ୟ ବିଶ୍ଳେଷଣ ସାରଣୀ, ସ୍ତମ୍ଭ ଲେଖ ଓ ପାଇ($\pi$) ଚାଟ୍‌ରୁ ଏହା ସ୍ପଷ୍ଟ ଯେ

(୧)

(୨)

(୩)

**ମନନ -**

**ଆବିଷ୍କୃତ ନୂତନ ଅଭିଜ୍ଞତା**

- ଗ୍ରାମାଞ୍ଚଳ ଲୋକ ଅଧିକ ଶସ୍ୟ ବା ପନିପରିବା ଉପାର୍ଜନ ପାଇଁ ଚେଷ୍ଟିତ ।
- ମୃତ୍ତିକା ସଂରକ୍ଷଣ ତଥା ମାଟିର ପ୍ରକୃତିକୁ ନେଇ ଫସଲ ଲଗେଇବା ଉପରେ ସଚେତନ ନୁହେଁ ।
- ଉତ୍ତରଦାତାଙ୍କ ସହ ପ୍ରଥମେ ସୁସମ୍ପର୍କ ସ୍ଥାପନ କରି ପ୍ରଶ୍ନ ପଚାରିଲେ ପ୍ରଶ୍ନର ଉତ୍ତର ଦେବା ପାଇଁ ଉତ୍ତରଦାତା କୁଣ୍ଠାବୋଧ କରନ୍ତି ନାହିଁ ।

**ଉପସଂହାର**

ମାଟି ଆମର ମା' । ମାଟି ଉପରେ ଆମେ ସମସ୍ତେ ନିର୍ଭରଶୀଳ । ଉପରୋକ୍ତ ପ୍ରକଳ୍ପ କାର୍ଯ୍ୟରୁ ସୁବିଦିତ ଯେ ଅନେକ ଗୁଢ଼ ରହସ୍ୟ ମାଟି ମଧ୍ୟରେ ରହିଛି, ତାହା ପ୍ରତ୍ୟେକ୍ଷ ଜ୍ଞାନ ଆହରଣରୁ ଲୋକଲୋଚନକୁ ଆସିପାରିବ । ସ୍ୱାବଲମ୍ବୀ ହୋଇ ଭବିଷ୍ୟତରେ କିଛି କରିବାର ଆଶାକୁ ମାଟି ଅନେକାଂଶରେ ସାକାର କରେ । କେବଳ ଡାକ୍ତର, ଇଞ୍ଜିନିୟର ହେବା ପାଇଁ ମନସ୍ଥ କରିବା ପରିବର୍ତ୍ତେ ଏହି କାର୍ଯ୍ୟାବଳୀ ଶିକ୍ଷାର୍ଥୀମାନଙ୍କୁ ବିଜ୍ଞାନ ସମ୍ମତ କୃଷକ ଓ କୃଷି ବୈଜ୍ଞାନିକ ହେବା ପାଇଁ ଯଥେଷ୍ଟ ପ୍ରେରଣା ଯୋଗାଇବ ।

**ଅଂଶଗ୍ରହଣକାରୀଙ୍କ ସ୍ୱାକ୍ଷର**

## ପ୍ରକଳ୍ପ ଆଧାରିତ ଶିକ୍ଷଣ କାର୍ଯ୍ୟ ଯୋଜନା

**ଶିକ୍ଷକଙ୍କ ସଂକ୍ଷେପଣ :**

ସମସ୍ତ ଦଳର ତଥ୍ୟ ବିଶ୍ଳେଷଣ ଫଳାଫଳକୁ ନେଇ ଆଲୋଚନା କରିବା ପରେ ଶିକ୍ଷକ ନିର୍ଯ୍ୟାସ ନିରୂପଣ କରିବେ।

**ଦଳୀୟ କାର୍ଯ୍ୟର ମାନ ନିର୍ଦ୍ଧାରଣ ନିମନ୍ତେ ପ୍ରଶ୍ନାବଳୀ**

୧) ସଂଗୃହିତ ତଥ୍ୟାବଳୀ ଆଧାରରେ ତାପମାତ୍ରା ବାଷ୍ପୀ କରଣକୁ ପ୍ରଭାବିତ କରୁଥିବାର ଦୈନନ୍ଦିନ ଜୀବନର ଏକ ଉଦାହରଣ ଦିଅ।

୨) ଏପରି କିଛି ଘଟଣା ଲକ୍ଷ୍ୟ କଲ ଯାହା ଏକାଧିକ କାରକ ବାଷ୍ପୀଭବନକୁ ପ୍ରଭାବିତ କରେ।

୩) ସ୍ଥାନୀୟ ଲୋକମାନଙ୍କର ଘଟୁଥିବା ଘଟଣା ସମ୍ବନ୍ଧରେ କଣ ଉତ୍ତର ଥିଲା ? ଭୁଲ ଉତ୍ତର ଗୁଡିକୁ ତୁମେ ଠିକ୍ ଭାବେ କିପରି ବୁଝାଇଲ ?

୪) ଆର୍ଦ୍ରତା ବାଷ୍ପୀକରଣକୁ ପ୍ରଭାବିତ କରେ – ଏହା ଦୈନନ୍ଦିନ ଜୀବନର କେଉଁ ଘଟଣାରୁ ଜାଣିଲ

୫) ବାଷ୍ପୀଭବନ ସଂକ୍ରାନ୍ତୀୟ କେଉଁ ଘଟଣା ତୁମକୁ ଜଣା ନଥିଲା, ଯାହାକି ପ୍ରକଳ୍ପ କାର୍ଯ୍ୟ କରି ଜାଣିଲ ?

୬) ତୁମ ଦଳର ନେତୃତ୍ୱ ନେବା ପାଇଁ ଦଳପତି ଭାବେ ତୁମକୁ ଚୟନ କରାଯାଇଥିଲେ ତୁମେ ପ୍ରକଳ୍ପ କାର୍ଯ୍ୟ କିପରି ସମ୍ପନ୍ନ କରିଥାନ୍ତ ?

୭) ତୁମେ ଏ ପ୍ରକଳ୍ପ କାର୍ଯ୍ୟ ବାଧ୍ୟ ହୋଇ କଲ ନାଁ ଆଗ୍ରହ ସହକାରେ କଲ ?

ଯଦି ଆଗ୍ରହ ସହକାରେ କଲ, ତେବେ କାମକୁ କିପରି ଉପଭୋଗ କରି ଆନନ୍ଦ ପାଇଲ ?

୮) ଏପରି କାର୍ଯ୍ୟ ଶ୍ରେଣୀ କକ୍ଷ ମଧ୍ୟରେ କରାଯାଇ ପାରିଥାନ୍ତା କି ? ଯଦି ନାଁ କାହିଁକି ? ବୁଝାଅ

୯) ସ୍ଥାନୀୟ ଲୋକମାନେ ତୁମକୁ ସାହାଯ୍ୟ କଲେ କି ଯଦି ହଁ କିପରି ଓ କେଉଁ କ୍ଷେତ୍ରରେ ?

୧୦) ତୁମ ମତରେ କାମଟି କିପରି କରାଯାଇଥିଲେ ଆଉ ଟିକେ ଅଧିକ ଭଲ ହୋଇ ପାରିଥାନ୍ତା ?

### ବିବରଣୀ ପତ୍ର

**ଶୀର୍ଷକ :** ବାଷ୍ପୀଭବନକୁ ପ୍ରଭାବିତ କରୁଥିବା କାରକ

**ଉପକ୍ରମ :-**

ପରିବର୍ତ୍ତନ ପ୍ରକୃତିର ଅପରିବର୍ତ୍ତନୀୟ ନିୟମ । ଏହି ପରିବର୍ତ୍ତନର ତାଳେ ତାଳେ ଆମ ସମସ୍ତଙ୍କୁ ଗତି କରିବାକୁ ପଡ଼ିବ । ୧୯୮୬ ମସିହାରେ ଏକ ନିର୍ଦ୍ଦିଷ୍ଟ ଶ୍ରେଣୀର ଶିକ୍ଷାର୍ଥୀର ଯାହା ଶିକ୍ଷଣ ଆବଶ୍ୟକତା ଥିଲା । ତାହା ୨୦୨୦ର ସେହି ଶ୍ରେଣୀର ଶିକ୍ଷାର୍ଥୀର ଶିକ୍ଷଣ ଆବଶ୍ୟକତା ଅନେକାଂଶରେ ପରିଣତ ହୋଇଛି।

ଅତଏବ ଜାତୀୟ ଶିକ୍ଷାନୀତି ୨୦୨୦ ଆଭିମୁଖ୍ୟକୁ ଫଳପ୍ରଦ କରିବା ଏକ ସ୍ୱାଗତ ଯୋଗ୍ୟ ଚିନ୍ତାଧାରା । ପରୀକ୍ଷା ସର୍ବ ଶିକ୍ଷାରୁ ନିବୃତ୍ତ ହେବାକୁ ହେଲେ ଆମ ଶିକ୍ଷାଦାନ ଶିକ୍ଷଣକୁ ପାଠ୍ୟ ପୁସ୍ତକ ମଧ୍ୟରେ ଆବଦ୍ଧ କରି ନ ରଖି ପାଠ୍ୟପୁସ୍ତକ ବହିର୍ଭୁତ ଅଭିଜ୍ଞତା ଭିତ୍ତିକ ପରିବେଶୀୟ ଜ୍ଞାନର ଯଥେଷ୍ଟ ଆବଶ୍ୟକତା ରହିଛି। ଏହି ଆବଶ୍ୟକତାକୁ ବିଭିନ୍ନ ଦିଗରୁ ପୂରଣ କରିବାରେ ପ୍ରକଳ୍ପ କାର୍ଯ୍ୟ ଏକ ପ୍ରମୁଖ ଦିଗ।

ଯୁକ୍ତଯୁକ୍ତତା :

- ପୁସ୍ତକଗତ ଜ୍ଞାନକୁ ଶାଣିତ କରିବାକୁ ହେଲେ ଲବ୍ଧ ଜ୍ଞାନକୁ ବାରମ୍ବାର ପ୍ରୟୋଗ କରିବାକୁ ପଡ଼େ । ସୁତରାଂ ପ୍ରକଳ୍ପ କାର୍ଯ୍ୟ ପ୍ରୟୋଗ କରିବା ସୁଯୋଗ ସୃଷ୍ଟି କରେ ।
- ବାଷ୍ପୀକରଣ ପ୍ରସଙ୍ଗ ମନୁଷ୍ୟ ସମାଜ ଓ ପ୍ରାକୃତିକ ପରିବେଶରେ ବିନିଯୋଗ ହୋଇଥାଏ ।
- ସାଧାରଣ ଜୀବନ ଯାପନରେ ବାଷ୍ପୀକରଣର ଗୁରୁତ୍ୱ ବୁଝି, ଜୀବନଯାପନକୁ ସରଳ ଓ ସ୍ୱଚ୍ଛନ୍ଦ୍ୟ କରାଯାଇପାରେ ।
- ବାଷ୍ପୀକରଣର ଉପାଦେୟତା ବୁଝି ଶିକ୍ଷାର୍ଥୀ ବାଷ୍ପୀକରଣକୁ ପ୍ରଭାବିତ କରୁଥିବା କାରକ ନେଇ ନୂଆ ଅଧିକ କିଛି କୌଶଳ ଆବିଷ୍କାର କରିବାର ସୁଯୋଗ ଅଛି ।
- ବାଷ୍ପୀକରଣକୁ ପ୍ରକଳ୍ପ କାର୍ଯ୍ୟରେ ସାମିଲ କରି ତଥ୍ୟ ସଂଗ୍ରହ ବେଳେ ସାଧାରଣ ଲୋକଙ୍କ ପାଖରେ ପହଞ୍ଚିଲେ ଲୋକମାନେ ଅଧିକ ସାବଧାନ ଓ ସ୍ୱାଧୀନ ଭାବେ ଜୀବନଯାପନ କରିଥାନ୍ତି ।
- ବାଷ୍ପୀଭବନକୁ ପ୍ରଭାବିତ କରୁଥିବା କାରକ ଆଧାରରେ ପ୍ରାକୃତିକ ଘଟଣା ଉପରେ ତଥ୍ୟ ସଂଗ୍ରହ ପରିବେଶ ମାଧ୍ୟମରେ ପରିଶିକ୍ଷା ବୁଝାଏ ।

**ମୁଖ୍ୟ ଉଦ୍ଦେଶ୍ୟ :** ଶିକ୍ଷାର୍ଥୀମାନେ–

- ବାଷ୍ପୀଭବନକୁ ପ୍ରଭାବିତ କରୁଥିବା ଆଧାରରେ ପରିବେଶରେ ଘଟୁଥିବା ଘଟଣାର ତାଲିକା କରିବେ ।
- ବାଷ୍ପୀଭବନକୁ ପ୍ରଭାବିତ କରୁଥିବା କାରକ ସମ୍ପର୍କିତ ବାର୍ତ୍ତା ନିଜ ସହପାଠୀ, ପଡ଼ୋଶୀ ଓ ଘରଲୋକଙ୍କ ମଧ୍ୟରେ ଆଦାନପ୍ରଦାନ କରିବେ ।
- ସୁଗମ ଜୀବନଯାପନ ପାଇଁ ଲବ୍ଧଜ୍ଞାନ ଆଧାରରେ ନୂଆ କୌଶଳ ଓ ଉପାଦାନ ସୃଷ୍ଟି କରିବେ ।

**ସୀମିତତା :**

- ଶିକ୍ଷାର୍ଥୀମାନେ ବସବାସ କରୁଥିବା ନିଜ ଅଞ୍ଚଳ
- ସାକ୍ଷାତକାର ନିମନ୍ତେ ନିଜ ଅଞ୍ଚଳର ଲୋକ
- ସମୟ ଅବଧି ୩ ରୁ ୪ ଦିନ

**ତଥ୍ୟ ସଂଗ୍ରହ ପାଇଁ ପ୍ରସ୍ତୁତ ହୋଇଥିବା ସାଧନ**

ଶିକ୍ଷାର୍ଥୀମାନେ ଦଳରେ ନିଜ ନିଜ ଗୃହପରିବେଶ, ଗ୍ରାମ, ନିଜେ ବସବାସ କରୁଥିବା ସହର ପରିବେଶ, ସାଙ୍ଗମାନଙ୍କ ଘରକୁ ଯାଇ ନିମ୍ନ ତଥ୍ୟ ପର୍ଯ୍ୟବେକ୍ଷଣ କରି ପୂରଣ କରିବେ ।

| କ୍ର.ସଂ. | କାରକ | ଦେଖିଥିବା ଉଦାହରଣ | ମନ୍ତବ୍ୟ |
|---|---|---|---|
| ୦୧ | ବାୟୁ ପ୍ରବାହ ଦ୍ୱାରା ବାଷ୍ପୀକରଣ ପ୍ରଭାବିତ ହେଉଥିବା ଘଟଣାବଳୀ | •<br>•<br>•<br>•<br>• | |

| କ୍ର.ସଂ. | କାରକ | ଦେଖିଥିବା ଉଦାହରଣ | ମନ୍ତବ୍ୟ |
| --- | --- | --- | --- |
| ୦୨ | ତାପମାତ୍ରା ବୃଦ୍ଧିଦ୍ୱାରା ବାଷ୍ପୀକରଣ ପ୍ରଭାବିତ ହେଉଥିବା ଘଟଣାବଳୀ | •<br>•<br>•<br>•<br>• | |
| ୦୩ | କ୍ଷେତ୍ରଫଳ ବୃଦ୍ଧି ଦ୍ୱାରା ବାଷ୍ପୀକରଣ ପ୍ରଭାବିତ ହେଉଥିବା ଘଟଣାବଳୀ | •<br>•<br>•<br>•<br>• | |
| ୦୪ | ଆର୍ଦ୍ରତା ଦ୍ୱାରା ବାଷ୍ପୀକରଣ ପ୍ରଭାବିତ ହେଉଥିବା ଘଟଣାବଳୀ | •<br>•<br>•<br>•<br>• | |

**ପରିବେଶରେ ଘଟୁଥିବା ଘଟଣା ଓ ତାର ବୈଜ୍ଞାନିକ କାରଣ :**

**ପର୍ଯ୍ୟବେକ୍ଷଣ ଓ ଆଲୋଚନା**

| କ୍ର.ସଂ. | ବାଷ୍ପୀକରଣ ଆଧାରରେ ପରିବେଶରେ ଘଟୁଥିବା ଘଟଣା | ଅଞ୍ଚଳର ଲୋକ ଦର୍ଶାଉଥିବା ବୈଜ୍ଞାନିକ କାରଣ | ଠିକ୍ କାରଣ ଉଲ୍ଲେଖ କର | ମନ୍ତବ୍ୟ |
| --- | --- | --- | --- | --- |
| | | | | |
| | | | | |
| | | | | |
| | | | | |

ଘରେ ଉପୁଜୁଥିବା ନିମ୍ନ ସମସ୍ୟାକୁ କିପରି ସମାଧାନ କରାଯାଇଛି ଲକ୍ଷ୍ୟକର ଓ ତା'ର କାରଣ ପଚାରିବୁଝ ।

| କ୍ର.ସଂ. | ସମସ୍ୟା | ସମାଧାନ କରିବାର ଉପାୟ ବର୍ଣ୍ଣନା କର | ଭୁଲ ଉପାୟର କାରଣ | ଠିକ୍ ଉପାୟ |
|---|---|---|---|---|
| ୧. | ଘର ସିମେଣ୍ଟ ଚଟାଣ ଉପରେ ପାଣି ଢାଳି ହୋଇ ଯାଇଛି- ଶୁଖାଇବେ | | | |
| ୨. | ବର୍ଷା ଦିନେ ଓଦା କପଡ଼ା ଶୁଖାଇବେ | | | |
| ୩. | ଗରମ କଫି -ଶୀଘ୍ର ଅଫିସ ଯିବାକୁ ହେବ | | | |
| ୪. | ରୁମ୍ ଭିତରେ ଥିଲାବେଳେ ଦେହରୁ ଝାଳ ବାହାରି ଗରମ ଲାଗୁଛି – ଦେହକୁ ଥଣ୍ଡା କରିବେ | | | |
| ୫. | ପଡ଼ିଆର ଅଳ୍ପ କିଛି ସ୍ଥାନରେ ବର୍ଷା ପାଣି ରହିଯାଇଛି – ଶୁଖାଇ ଖେଳିବାକୁ ପଡ଼ିବ | | | |

**ତଥ୍ୟ ବିଶ୍ଳେଷଣ ଓ ଫଳାଫଳ ନିର୍ଣ୍ଣୟ :**

**ପର୍ଯ୍ୟବେକ୍ଷଣ ଫର୍ଦ୍ଦ (୧)ରୁ ଉପଲବ୍ଧ ତଥ୍ୟର ବିଶ୍ଳେଷଣ:**

| କ୍ର.ସଂ. | ବାଷ୍ପୀ ଭବନକୁ ପ୍ରଭାବିତ କରୁଥିବା ଦିଗ | ଦେଖିଥିବା ସମ୍ପର୍କିତ ଘଟଣା ସଂଖ୍ୟାରେ | ଦେଖିଥିବା ଘଟଣା ଶତକଡ଼ାରେ | ଶତକଡ଼ାରେ ପ୍ରକାଶ କରିବା |
|---|---|---|---|---|
| ୧. | ବାୟୁ ପ୍ରବାହ | | | |
| ୨. | ତାପମାତ୍ରା | | | |
| ୩. | କ୍ଷେତ୍ର ପୃଷ୍ଠତଳ | | | |
| ୪. | ଆର୍ଦ୍ରତା | | | |

| କ୍ର.ସଂ. | ବାଷ୍ପୀଭବନକୁ ପ୍ରଭାବିତ କରୁଥିବା କାରକ | ଶତକଡ଼ା ହିସାବ | ଚାର୍ଟ ପ୍ରଦର୍ଶନ କରିବା ପାଇଁ କୌଣସି ବ୍ୟବଧାନ | ଚାର୍ଟ |
|---|---|---|---|---|
| ୧. | ବାୟୁ ପ୍ରବାହ | | | |
| ୨. | ତାପମାତ୍ରା | | | |
| ୩. | କ୍ଷେତ୍ରଫଳ | | | |
| ୪. | ଆର୍ଦ୍ରତା | | | |

**ସାରଣୀ (୨)ରୁ ଉପଲବ୍ଧ ତଥ୍ୟର ବିଶ୍ଳେଷଣ :**

| କ୍ର.ସଂ. ଓ ସମସ୍ୟା | ବାଷ୍ପୀକରଣକୁ ପ୍ରଭାବିତ କରୁଥିବା କାରକ | ଘଟଣା ସଂଖ୍ୟା | ଲେଖ ଚିତ୍ରରେ ପ୍ରଦର୍ଶନ |
|---|---|---|---|
| ୧. | ବାୟୁ ପ୍ରବାହ | | |
| ୨. | ତାପମାତ୍ରା | | |
| ୩. | ପୃଷ୍ଠ କ୍ଷେତ୍ରଫଳ | | |
| ୪. | ଆର୍ଦ୍ରତା | | |

**ସାରଣୀ (୩)ରୁ ଉପଲବ୍ଧ ତଥ୍ୟର ବିଶ୍ଳେଷଣ :**

| କ୍ର.ସଂ. ଓ ସମସ୍ୟା | ସମାଧାନର ଠିକ୍ ଉପାୟ ସଂଖ୍ୟା | ଭୁଲ ଉପାୟର ସଂଖ୍ୟା | ଭୁଲ ଉପାୟର କାରଣ | ଠିକ ଉପାୟ ବିଷୟରେ ଆଲୋଚନା |
|---|---|---|---|---|
| ସମସ୍ୟା ସଂଖ୍ୟା (୧) | | | | |
| ସମସ୍ୟା ସଂଖ୍ୟା (୨) | | | | |
| ସମସ୍ୟା ସଂଖ୍ୟା (୩) | | | | |
| ସମସ୍ୟା ସଂଖ୍ୟା (୪) | | | | |

**ଫଳାଫଳ ନିର୍ଣ୍ଣୟ :**

**ଉପସଂହାର :**

ଉପରୋକ୍ତ ବାଷ୍ପୀକରଣକୁ ପ୍ରଭାବିତ କାରକ–ଶୀର୍ଷକ ଆଧାରିତ ପ୍ରକଳ୍ପ କାର୍ଯ୍ୟ ଏକ ଆବଶ୍ୟକୀୟ ପଦକ୍ଷେପ । ଲବ୍ଧ ଜ୍ଞାନକୁ ପୋଥି ବାଇଗଣ କରି ନ ରଖି ବାଡି ବାଇଗଣରେ ପରିଣତ କରିବାର ସୁଯୋଗ ସୃଷ୍ଟି କଲା, ଯାହା ବର୍ତ୍ତମାନ ପରିପ୍ରେକ୍ଷୀରେ ଶିକ୍ଷାବିତ୍ ବ୍ଲୁମ୍‌ଙ୍କ ଶିକ୍ଷଣ ଲକ୍ଷ୍ୟ ପରିସର ମଧ୍ୟରୁ ଭାବାତ୍ମକ ଓ ମନଃ କ୍ରିୟାତ୍ମକ ପରିସରକୁ ପରିପୃଷ୍ଟ ଅନେକାଂଶରେ କରେଇବା ସହ ଶିକ୍ଷାର୍ଥୀମାନଙ୍କୁ ଆଗକୁ ବଢ଼ିବାର ଉତ୍ସାହ ଓ ଉଦ୍ଦିପନା ଜାହିର କରିଥିଲା ।

**ଅଂଶଗ୍ରହଣକାରୀଙ୍କ ସ୍ୱାକ୍ଷର**

